୭୯ ବର୍ଷରେ ସଂଘ

R.N.I. Regd. No. ORBIL-1997/1014
Postal Regd. No. : BN/61/21-23

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ମାସିକ ମୁଖପତ୍ର

# ଟେକ୍ନୋସ୍କ୍ରାଇବ୍


# The Technoscribe

MONTHLY ORGAN OF THE ODISHA DIPLOMA ENGINEERS'SERVICE ASSOCIATION

(୧୯୭୪ ମସିହାରୁ ଟେକ୍ନୋଟାଇମ୍ସ ଭାବରେ ପ୍ରକାଶିତ ଓ ପରେ ଟେକ୍ନୋସ୍କ୍ରାଇବ୍ ଭାବରେ ପୁନର୍ନାମିତ)

• ୧୯୭୪-୨୦୨୨ • ୪୯ ବର୍ଷ

VOL. 27 NO.1 • SEPTEMBER- 2022 • ତ୍ରୟତ୍ରିଂଶ ବର୍ଷ • ପ୍ରଥମ ସଂଖ୍ୟା • ସେପ୍ଟେମ୍ବର - ୨୦୨୨ • ଗ୍ରାହକ ଦେୟ : ପାଞ୍ଚଶହ ଟଙ୍କା (ଆଜୀବନ)



## ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟା

# ପ୍ଲାଟିନମ୍ ଜୁବୁଲି ଅବସରରେ ନିମନ୍ତ୍ରୀତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା













ଓଡ଼ିଶା ଡିପ୍ଲୋମା ଇଂଜିନିୟର
ସେବା ସଂଘର ମାସିକ ମୁଖପତ୍ର
**"ଟେକ୍ନୋସ୍କ୍ରାଇବ୍"**

**Vol-27 No.-1**
ତ୍ରୟତ୍ରିଂଶ ବର୍ଷ ପ୍ରଥମ ସଂଖ୍ୟା

**ଅଗଷ୍ଟ -୨୦୨୨**

ସମୁଦାୟ ପୃଷ୍ଠା ସଂଖ୍ୟା-୨୮



**ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ**
୭, ଖାରବେଳ ନଗର, ୟୁନିଟ୍-୩
ଭୁବନେଶ୍ୱର - ୭୫୧୦୦୧
ଫୋନ୍ : 0674-3501518
E-mail : odesa_1944@yahoo.com
Web. : www.odesa.co.in



**ସମ୍ପାଦନା ମଣ୍ଡଳୀ :**

ଇଂ. ଶ୍ରୀଧର ବାରିକ -ସମ୍ପାଦକ
ଇଂ. ସଚିତ୍ର ମୋହନ ରାଉଳ- ସଦସ୍ୟ
ଇଂ. ଯଶୋବନ୍ତ ନାୟକ - ସଦସ୍ୟ
ଇଂ. ବିଜୟ କୁମାର ସାହୁ - ସଦସ୍ୟ
ଇଂ. ସୁଦର୍ଶନ ବେହେରା - ସଦସ୍ୟ



**ଯୋଗାଯୋଗ :**
**୯୪୩୭୩୫୭୪୦୫**



ପତ୍ରିକାର ଏକକାଳୀନ
ଗ୍ରାହକ ଦେୟ
ଟ.୫୦୦ଙ୍କା (ପାଞ୍ଚଶତ ଟଙ୍କା )




**ସମ୍ପାଦକୀୟ......**

## ଶ୍ରୀକ୍ଷେତ୍ରରୁ ଶୁଭାରମ୍ଭ

ଦୀର୍ଘ ଦୁଇବର୍ଷ କାଳ କରୋନା ଜନିତ ସଂକଟ ପରେ ଓଡ଼େଶା ନିଜର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ପୁନର୍ବାର ପୂର୍ବଧାରାକୁ ଫେରାଇ ଆଣିବା ନିମିତ୍ତ ପ୍ରୟାସ ଜାରୀ ରଖିଛି । ଗତ ଅଗଷ୍ଟ ମାସରେ ଅନୁଷ୍ଠିତ ଐତିହାସିକ ପ୍ଲାଟିନମ୍ ଜୁବୁଲିର ସଫଳତା ପରେ ସଂଘର କର୍ମକର୍ତ୍ତା ଓ ସଦସ୍ୟସଦସ୍ୟାମାନଙ୍କର ମନୋବଳ ଯଥେଷ୍ଟ ବୃଦ୍ଧି ପାଇଛି । ତେଣୁ ଶିଥିଳ ହୋଇ ପଡ଼ିଥିବା ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଚଳଚଞ୍ଚଳ କରିବା ନିମିତ୍ତ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ତତ୍ପରତା ଦେଖାଇଛି ।

ପ୍ରଥମ ପଦକ୍ଷେପ ସ୍ୱରୂପ ସଂଘର ମାସିକ ମୁଖପତ୍ର ଟେକ୍ନୋସ୍କ୍ରାଇବ୍, ଯାହା କରୋନା ସମୟରୁ ଛାପା ଆକାରରେ ସଦସ୍ୟସଦସ୍ୟା ମାନଙ୍କ ନିକଟକୁ ଯିବା ସମ୍ଭବ ହେଉନଥିଲା, ଏବେ ଗତ ତିନି ମାସ ଧରି ସମସ୍ତ ସଦସ୍ୟ ସଦସ୍ୟାମାନଙ୍କ ନିକଟକୁ ଡାକ ଯୋଗେ ପଠାଯାଉଛି । ଏହାଦ୍ୱାରା ସଂଘର କାର୍ଯ୍ୟକ୍ରମ ଓ ଅନ୍ୟ ଆନୁସଙ୍ଗିକ ତଥ୍ୟ ଏବଂ ସରକାରଙ୍କ ବିଭିନ୍ନ ଆଦେଶନାମା ଇତ୍ୟାଦି ସଦସ୍ୟ ସଦସ୍ୟାମାନେ ସିଧାସଳଖ ଜାଣିବାର ସୁଯୋଗ ସୃଷ୍ଟି ହୋଇଛି । ମୁଖପତ୍ର ସହିତ ସଂପୃକ୍ତ ଲେଖକ ଲେଖିକାମାନେ ମଧ୍ୟ ନିଜ ନିଜର ଭାବନାକୁ ବ୍ୟକ୍ତ କରିବାର ସୁଯୋଗ ପୁଣି ପାଇପାରିଛନ୍ତି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଟି ଥିଲା - ପ୍ରତିବର୍ଷ ଡିସେମ୍ବର ମାସ ପୂର୍ବରୁ ଓଡ଼େଶାର ୪୬ଟି ଶାଖା କମିଟିରେ କେନ୍ଦ୍ରୀୟ କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବା ଓ ଆଗାମୀ ବର୍ଷ ପାଇଁ ଶାଖା କର୍ମକର୍ତ୍ତା ନିର୍ବାଚିତ କରାଯିବା । ଅନ୍ତତଃପକ୍ଷେ ବର୍ଷକୁ ଗୋଟିଏ ଥର କେନ୍ଦ୍ରୀୟ କର୍ମକର୍ତ୍ତା ଓ ଶାଖା କମିଟିର ସାଧାରଣ ସଦସ୍ୟ ସଦସ୍ୟାମାନଙ୍କର ପ୍ରତ୍ୟକ୍ଷ ଭେଟଘାଟ ଓ ଆଲୋଚନା ଦ୍ୱାରା ସଂଘ ଓ ସଂଗଠନ ଉଭୟ ବଳିଷ୍ଠ ହେଉଥିଲେ । କରୋନା ହେତୁ ଗତ ୨୦୨୦ ଓ ୨୦୨୧ ଦୁଇବର୍ଷ ପାଇଁ ଏହା ସମ୍ଭବ ହୋଇପାରିନାହିଁ । ଯାହାଫଳରେ ସଂଗଠନ ଶିଥିଳ ଓ ଦୁର୍ବଳ ହୋଇପଡ଼ିଥିଲା । କିନ୍ତୁ ଚଳିତ ବର୍ଷ ପୁନର୍ବାର ଏହାକୁ ସକ୍ରିୟ ରୂପାୟନ ଦେବା ନିମିତ୍ତ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ନିଷ୍ପତ୍ତି ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଛି । ପୂର୍ବବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ସାଙ୍ଗଠନିକ ଜୟଯାତ୍ରା ଶ୍ରୀକ୍ଷେତ୍ର ପୁରୀରୁ ହିଁ ଅୟମାରମ୍ଭ କରାଯାଇଛି । ଗତ ସେପ୍ଟେମ୍ବର ୧୫ ଥିଲା ପବିତ୍ର ଇଂଜିନିୟର ଦିବସ । ଏହିଦିନ ପୁରୀସ୍ଥ ଶ୍ରୀକ୍ଷେତ୍ର ଓଡ଼େଶା ଭବନରେ ପୁରୀ ଶାଖାର ବାର୍ଷିକ ସାଧାରଣ ସଭା ସହ ଓଡ଼େଶା କେନ୍ଦ୍ରୀୟ କାର୍ଯ୍ୟକାରିଣୀ ତରଫରୁ ଇଂଜିନିୟର ଦିବସ ମିଳିତ ଭାବେ ପାଳନ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରି ଓଡ଼େଶା ୨୦୨୩ ବର୍ଷ ନିମିତ୍ତ ନିଜର ସାଙ୍ଗଠନିକ ଜୟଯାତ୍ରାର ବିଗୁଲ୍ ବଜାଇ ପୁରୀ ଶାଖାର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

୨୦୨୩ ମସିହା ଓଡ଼େଶା ଡାଇରୀ ନିମିତ୍ତ କର୍ମକର୍ତ୍ତାମାନେ ନିଜର ସଂକଳ୍ପ ଘୋଷଣା କରିଥିଲେ । ଗତବର୍ଷ କରୋନା ଜନିତ କଟକଣା ହେତୁ ଡାଇରୀ ବିଜ୍ଞାପନ ରାଶିକୁ ସତୁରୀ

ଲକ୍ଷରେ ସୀମିତ ରଖାଯାଇଥିବା ବେଳେ ଚଳିତ ବର୍ଷ ସଂଘର ନିଅଣ୍ଟିଆ ଆର୍ଥିକ ସ୍ଥିତିକୁ ବିଚାର କରି ଏକ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିନିମିତ୍ତ ପୁରୀ ଶାଖା ନିଜର ସକାରାତ୍ମକ ମନୋଭାବ ପ୍ରକାଶ ସହ ଡାଇରୀ ନିମିତ୍ତ ସମସ୍ତ ପ୍ରକାର ସହଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଚଳିତ ବର୍ଷର ପ୍ରଥମ ସାଙ୍ଗଠନିକ ସଭା ଅବସରରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ତରଫରୁ କାର୍ଯ୍ୟକ୍ରମର ଏକ ବାର୍ଷିକ ଖସଡ଼ା ପ୍ରସ୍ତୁତ ହୋଇ ବକ୍ତବ୍ୟ ମାଧ୍ୟମରେ ଅବଗତ କରାଯାଇଥିଲା । ସରକାରଙ୍କ ନିକଟରେ ଉପସ୍ଥାପିତ ସଂଘର ଛଅଦଫା ଦାବି ଓ ବିଭିନ୍ନ ବିଭାଗ ମାନଙ୍କରେ ଥିବା ସମସ୍ୟାଗୁଡ଼ିକ ଉପରେ କେନ୍ଦ୍ରୀୟ କାରିଣୀ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା । ଆବଶ୍ୟକ ହେଲେ ଓଡ଼େଶା ନିଜର ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ ନିମିତ୍ତ ଶାଖା କମିଟି ତଥା ସଦସ୍ୟ ସଦସ୍ୟାମାନେ ମାନସିକ ସ୍ତରରେ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଥିଲା । ବିଶେଷ କରି କ୍ୟାଡର ପୁର୍ନଗଠନକୁ ନେଇ କେତେକ ନ୍ୟସ୍ତସ୍ୱାର୍ଥ କୁଚକ୍ରୀ ଗୋଷ୍ଠୀ ସରକାରଙ୍କୁ ବିଭ୍ରାନ୍ତ କରିବାକୁ ଯେଉଁ ଅପଚେଷ୍ଟା ଚଳାଇଛନ୍ତି, ସଂଘ ଏଥିପ୍ରତି ସତର୍କ ଦୃଷ୍ଟି ରଖିଛି ଓ ଆବଶ୍ୟକ ହେଲେ ସଂଘ ଏହାର ଦୃଢ଼ ପ୍ରତିବାଦ କରିବାକୁ ରାଜରାସ୍ତାକୁ ଓହ୍ଲାଇବ ବୋଲି କେନ୍ଦ୍ରୀୟ କର୍ମକର୍ତ୍ତା ସତର୍କ କରାଇଥିଲେ । ଅୟମାରମ୍ଭ ଶୁଭାୟ ଭବତୁ ନ୍ୟାୟରେ ଚଳିତ ବର୍ଷର ପ୍ରଥମ ସାଙ୍ଗଠନିକ ସଭା ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଛି । ତେଣୁ କାଳିଆ ସାଆନ୍ତଙ୍କ କୃପା ପ୍ରାପ୍ତ ଶୁଭ ଉଦ୍ୟମ ବଳରେ ଅନ୍ୟ ୪୫ଟି ଶାଖା ସ୍ତରରେ ମଧ୍ୟ ଖୁବ୍ ସଫଳ ହେବ ଏହି ଆଶା ରଖିବା । ଓଡ଼େଶା ପୁନର୍ବାର ନିଜର ଲଢୁଆ ସଂଘର ସୁନାମକୁ ୨୦୨୨ ଶେଷ ସୁଦ୍ଧା ପ୍ରମାଣିତ କରିପାରିବ - ଏଇ ଦୃଢ଼ ମନୋବଳ ଆମ୍ଭମାନଙ୍କର ରହୁ ।

ଜୟ ଜଗନ୍ନାଥ ! ଜୟ ସଂଘ !!

**ଇଂ. ଶ୍ରୀଧର ବାରିକ**
**ସାଧାରଣ ସମ୍ପାଦକ**


---

**NAVEEN PATNAIK**
CHIEF MINISTER, ODISHA

LOKASEVA BHAWAN
BHUBANESWAR

सत्यमेव जयते

# MESSAGE



I am glad to know that Odisha Diploma Engineers' Service Association, Bhubaneswar is celebrating its platinum Jubilee from 21st to 23rd August 2022 and a souvenir is being brought out in commemoration.

Diploma Engineers at the grassroots level have been making a huge contribution to the infrastructure development in the state for over 75 years. They always have an on-field job and they are the real executors of our infrastructure Projects. I am sure the members of the association will continue to contribute the state's development with greater zeal and commitment.

On the occasion of its Platinum Jubilee, I extend my warm greetings to all the office bearers and members of ODESA and wish the edeavour all success.

( NAVEEN PATNAIK )

Phone Office : 0674-2531100, 2531500, 2535100 (Fax)
Residence : 0674-2591099, 2590299, 2590833 (Fax)
e-mail : cmo@nic.in |twitter : twitter.com/CMO_Odisha| facebook facebook-com/ CMO. Odisha

ସମ୍ବାଦ

୨୨ ଅଗଷ୍ଟ, ୨୦୨୨

## ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ପ୍ଲାଟିନମ୍ ଜୁବୁଲି

# ମଣିଷର ଆଧ୍ୟାତ୍ମିକ ପ୍ରଗତି ନିତାନ୍ତ ଦରକାର: ରାଜ୍ୟପାଳ



ଭୁବନେଶ୍ୱର, ୨୧/୮(ଇମିସ): ବୌଦ୍ଧିକ ପ୍ରଗତି ସହ ମଣିଷର ଆଧ୍ୟାତ୍ମିକ ପ୍ରଗତି ମଧ୍ୟ ନିତାନ୍ତ ଦରକାର। ମଣିଷ ବାହାରେ ଯେତିକି ପ୍ରଗତି ହାସଲ କରୁଛି, ନିଜ ଅନ୍ତଃସ୍ତରରେ ମଧ୍ୟ ସେଭଳି ପ୍ରଗତି ହେଉଛି କି ନାହିଁ, ତାହା ତର୍ଜମା କରିବା ଆବଶ୍ୟକ। ଦେଶରେ ବଡ଼ବଡ଼ ନିର୍ମାଣ ଅପେକ୍ଷା ଛୋଟଛୋଟ ନିର୍ମାଣର ବିଶେଷ ଗୁରୁତ୍ୱ ରହିଛି, ଯାହାକି ତଳସ୍ତରରେ ହୁଏ। ପ୍ରତି ଗ୍ରାମ ଏକ ସ୍ୱୟଂସଂପୂର୍ଣ୍ଣ, ସାଧାରଣତନ୍ତ୍ର ତଥା ସଂପୂର୍ଣ୍ଣ ରୂପେ ଆତ୍ମନିର୍ଭର ହେବା ଆବଶ୍ୟକ। ଏଥିପାଇଁ ପ୍ରଥମେ ଗାଁକୁ ସଜାଡ଼ିବାକୁ ପଡ଼ିବ। ତୃଣମୂଳସ୍ତରରେ ପ୍ରଗତି ପ୍ରକ୍ରିୟାକୁ ଆରମ୍ଭ କରିବାକୁ ପଡ଼ିବ। ଏହି ପ୍ରକ୍ରିୟାକୁ ଡିପ୍ଲୋମା ଇଂଜିନିୟର୍‌ମାନେ କ୍ରିୟାଶୀଳ କରାଇଥା'ନ୍ତି। ସେମାନେ ତୃଣମୂଳସ୍ତରରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇଥା'ନ୍ତି। ତେଣୁ ସେମାନଙ୍କର ସାମଗ୍ରିକ ପ୍ରକ୍ରିୟାରେ ବିଶେଷ ଯୋଗଦାନ ରହିଛି। ଓଡ଼େଶା ଭବନରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ(ଓଡ଼େଶା)ର ପ୍ଲାଟିନମ୍ ଜୁବୁଲିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଆଜି ଏହା କହିଛନ୍ତି।

ଜୁବୁଲି କମିଟି ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାଂସଦ ଜୁଏଲ୍ ଓରାମ ଯୋଗଦେଇ କହିଲେ, ଡିପ୍ଲୋମା ଇଂଜିନିୟରମାନେ ଏକାଧିକ କାର୍ଯ୍ୟକୁ ସହଜରେ କରିପାରନ୍ତି। ତୃଣମୂଳସ୍ତରରୁ ସେମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ସମସ୍ତ କାର୍ଯ୍ୟ ଜଣାଥାଏ। କିନ୍ତୁ ସରକାରୀ କି ବେସରକାରୀ ସଂସ୍ଥାର ମୁଖ୍ୟମାନେ ଏହାକୁ ବୁଝିପାରନ୍ତି ନାହିଁ। ଫଳରେ ଡିପ୍ଲୋମା ଇଂଜିନିୟରମାନଙ୍କୁ ଏତେ ଗୁରୁତ୍ୱ ମିଳେନାହିଁ। ଇଂଜିନିୟରମାନେ ଆମର ସୈନିକ ଭଳି ମଧ୍ୟ କାର୍ଯ୍ୟ କରନ୍ତି। ବାତ୍ୟା ହେଉ କି ବନ୍ୟା, ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଥାନ୍ତି। ଓଡ଼େଶା ସଂଘକୁ ଅଧିକ ତ୍ୱରାନିତ କରିବାକୁ ପଡ଼ିବ। ଫଳରେ ଆହୁରି ଉଲ୍ଲେଖନୀୟ କାର୍ଯ୍ୟ କରାଯାଇପାରିବ ବୋଲି ଶ୍ରୀ ଓରାମ କହିଛନ୍ତି।

ଅନ୍ୟତମ ସମ୍ମାନିତ ଅତିଥି ସାଂସଦ ମହେଶ ସାହୁ କହିଲେ ଯେ ଇଂଜିନିୟରମାନେ ବିକାଶ ଓ ପ୍ରଗତିର ସାଥୀ। ଅତ୍ୟାଧୁନିକ ବିଜ୍ଞାନର ବିକାଶରେ ମଧ୍ୟ ଇଂଜିନିୟର୍‌ମାନଙ୍କର ଭୂମିକା ଅତୁଳନୀୟ। ଯାହା ପାଇଁ ଆଜି ଆମେ ଗର୍ବିତ।

ଏହି ଅବସରରେ ଓଡ଼େଶା ଭବନ ପରିସରରେ ନବନିର୍ମିତ ପ୍ଲାଟିନମ୍ ଜୁବୁଲି ଭବନକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ 'ପ୍ଲାଟିନମ୍ ଜୁବୁଲି ସ୍ମରଣିକା'କୁ ଲୋକାର୍ପଣ କରିଥିଲେ। ସଂଘ ପାଇଁ ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ଇଂଜିନିୟର ଦର୍ପନାରାୟଣ ଦାସ, ସାରଦା ପ୍ରସାଦ ମହାନ୍ତି, ବ୍ରଜକିଶୋର ପଟ୍ଟନାୟକ, ଉଦୟନାଥ ମହାପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ଡମ୍ବରୁଧର କବି, ପ୍ରଦୀପ କୁମାର ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପଦେଷ୍ଟା ସଚିତ୍ର ମୋହନ ରାଉଳ ଉପସ୍ଥିତ ଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ନରେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସଂପାଦକ ଶ୍ରୀଧର ବାରିକ ବିବରଣୀ ପ୍ରଦାନ କରିଥିଲେ।

ସମାଜ

The Samaja

ସୋମବାର ୨୨ ଅଗଷ୍ଟ ୨୦୨୨

# ନିର୍ମାଣ ଓ ଭିତ୍ତିଭୂମିରେ ଡିପ୍ଲୋମା ଇଞ୍ଜିନିୟର ବୈଜ୍ଞାନିକ: ରାଜ୍ୟପାଳ



ଭୁବନେଶ୍ୱର, ୨୧।୮(ନି.ପ୍ର): ନିର୍ମାଣ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଡିପ୍ଲୋମା ଇଞ୍ଜିନିୟର ଜଣେ ଜଣେ ବୈଜ୍ଞାନିକ। ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ସହିତ ଦାରିଦ୍ର୍ୟ ଦୂରୀକରଣରେ ସହଯୋଗ କରିଆସୁଛନ୍ତି। ଦେଶ ତଥା ରାଜ୍ୟର ଆର୍ଥିକ ବିକାଶ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି।

ସର୍ବପୁରାତନ କର୍ମଚାରୀ ସେବାସଂଘ 'ଓଡେଶା'ର ପ୍ଲାଟିନମ୍ ଜୁବୁଲି ଓ ୭୭ତମ ବାର୍ଷିକ ସାଧାରଣ ସଭା ଆଜି ଓଡ଼ିଶା ଭବନ ପରିସରରେ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ସାଧାରଣ ଜନତାଙ୍କ କଲ୍ୟାଣ ନିମିତ୍ତ ଅଧିକ ଉତ୍ସର୍ଗୀକୃତ ମନୋଭାବର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ କହିଛନ୍ତି, ଡିପ୍ଲୋମା ଇଞ୍ଜିନିୟରମାନେ ବିଶ୍ୱକର୍ମା। ରାଷ୍ଟ୍ର ନିର୍ମାଣରେ ଏମାନଙ୍କ ଭୂମିକା ଅତି ଗୁରୁତ୍ୱ ବହନ କରୁଛି। ଅନ୍ୟତମ ସମ୍ମାନିତ ଅତିଥି ଢେଙ୍କାନାଳ ସାଂସଦ ମହେଶ ସାହୁ କହିଥିଲେ, ଡିପ୍ଲୋମା ଇଞ୍ଜିନିୟର ସଂଘ ସର୍ବଦା ଆବେଦନ, ନିବେଦନ ଏବଂ ଆଲୋଚନାକୁ ଗୁରୁତ୍ୱ ଦେଇ ଆସୁଛି। ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ ନ କରି ସରକାରଙ୍କ ସହିତ ଆଲୋଚନା ଜରିଆରେ ଦାବି ପୂରଣ କରୁଛି। ଯାହା ସଂଘର ସ୍ୱତନ୍ତ୍ରତା। କାର୍ଯ୍ୟକ୍ରମରେ ଜୁବୁଲି କମିଟି ଅଧ୍ୟକ୍ଷ ଇଂ. ନିର୍ମଳ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ସଭାରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଇଂ.ନରେନ୍ଦ୍ର କୁମାର ନାୟକ ଓ ସାଧାରଣ ସମ୍ପାଦକ ଇଂ.ଶ୍ରୀଧର ବାରିକ, ସଭାପତି ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜୁବୁଲିକୁ ସ୍ମରଣୀୟ କରିବା ନିମିତ୍ତ ସ୍ମରଣିକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ସଂଘ ଭବନ ପରିସରରେ ନବନିର୍ମିତ ପ୍ଲାଟିନମ୍ ଜୁବୁଲି ଭବନକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂଘ କର୍ମକର୍ତ୍ତା ଓ ସଦସ୍ୟ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସଂଘ ତରଫରୁ ରାଜ୍ୟପାଳ ଓ ଦୁଇ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟପାଳ ସଂଘର ତିନିଜଣ ପୂର୍ବତନ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ।

ପ୍ରମେୟ

PRAMEYA

ସୋମବାର ୨୨ ଅଗଷ୍ଟ, ୨୦୨୨

# ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ପ୍ଲାଟିନମ୍ ଜୁବୁଲି



ଭୁବନେଶ୍ୱର,୨୧।୮(ବ୍ୟୁରୋ): ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ପ୍ଲାଟିନମ ଜୁବୁଲି ଓଡ଼ିଶା ଭବନ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଜୁଏଲ ଓରାମ, ମହେଶ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କମିଟି ଅଧ୍ୟକ୍ଷ ଇଂ. ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଇଂ. ନରେନ୍ଦ୍ର କୁମାର ନାୟକ ସ୍ୱାଗତ ଅଭିଭାଷଣ ଓ ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ବିବରଣୀ ପ୍ରଦାନ କରିଥିଲେ। ଜୁବୁଲିକୁ ସ୍ମରଣୀୟ କରିବା ପାଇଁ ପ୍ରକାଶିତ ପ୍ଲାଟିନମ୍ ଜୁବୁଲି ସ୍ମରଣିକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ସଂଘ ଭବନ ପରିସରରେ ନବନିର୍ମିତ ପ୍ଲାଟିନମ୍ ଜୁବୁଲି ଭବନକୁ ମଧ୍ୟ ଉଦ୍‌ଘାଟନ ହୋଇଛି।

ଏହି ଅବସରରେ ସଂଘର ପୂର୍ବତନ କର୍ମକର୍ତ୍ତାମାନଙ୍କୁ ଐତିହ୍ୟ ସମ୍ମାନରେ ସମ୍ମାନୀତ କରାଯାଇ ସ୍ମାରକୀ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂଘ କର୍ମକର୍ତ୍ତା ଓ ସଦସ୍ୟ ପ୍ରତିନିଧି ଉତ୍ସବରେ ଯୋଗଦେଇଥିଲେ। ରାଜ୍ୟର ତୃଣମୂଳ ସ୍ତରରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଭୂମିକାକୁ ରାଜ୍ୟପାଳ ଗଣେଶୀ ଲାଲ ପ୍ରଶଂସା କରିବା ସହିତ ସାଧାରଣ ଜନତାଙ୍କ କଲ୍ୟାଣ ନିମିତ୍ତ ଅଧିକ ଉତ୍ସର୍ଗୀକୃତ ମନୋଭାବର ସହ ଇଞ୍ଜିନିୟରମାନେ କାର୍ଯ୍ୟ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ସଂଘ ତରଫରୁ ରାଜ୍ୟପାଳଙ୍କୁ ଓ ଦୁଇ ସମ୍ମାନୀତ ଅତିଥିଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରଗତିବାଦୀ

ଭୁବନେଶ୍ୱର • ସୋମବାର • ଅଗଷ୍ଟ ୨୨, ୨୦୨୨

## ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ପ୍ଲାଟିନମ୍ ଜୁବୁଲି



■ ଭୁବନେଶ୍ୱର ୨୧୮।୮ (ପିଏନଏସ) ସଂଘର ଅଧ୍ୟକ୍ଷ ଇଂ ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓଡେଶା ଭବନଠାରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ପ୍ଲାଟିନମ ଜୁବଲି ଓ ୭୭ତମ ବାର୍ଷିକ ସାଧାରଣ ସଭା ରବିବାର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ ତୃଣମୂଳକ ସ୍ତରରେ କାର୍ଯ୍ୟରତ ଇଂଜିନିୟରମାନେ ହେଉଛନ୍ତି ରାଜ୍ୟର ପ୍ରକୃତ ସମ୍ପଦ। ସେମାନଙ୍କ ବିନା ବିକାଶର ମାପକାଠି କଳ୍ପନା କରିବା ବି ଭୁଲ। ସମ୍ମାନିତ ଅତିଥିଭାବେ ସାଂସଦ ଜୁଏଲ ଓରାମ ଥିଲେ ଡିପ୍ଲୋମା ଇଞ୍ଜିନିୟରମାନେ ଜଣେ ଜଣେ ବିଶ୍ୱକର୍ମା। ତେଣୁ ରାଷ୍ଟ୍ର ନିର୍ମାଣରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ମହେଶ ସାହୁ କହିଥିଲେ, ଡିପ୍ଲୋମା ଇଞ୍ଜିନିୟର ସଂଘ ସର୍ବଦା ଆବେଦନ, ନିବେଦନ ଏବଂ ଆଲୋଚନାକୁ ଗୁରୁତ୍ୱ ଦେଇ ଆସୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଇଂ.ଶ୍ରୀକାନ୍ତ ମହାପାତ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଇଂ.ନରେନ୍ଦ୍ର କୁମାର ନାୟକ ଓ ସାଧାରଣ ସମ୍ପାଦକ ଇଂ.ଶ୍ରୀଧର ବାରିକ, ପ୍ରମୁଖ ଉପସ୍ଥିତ ଥିଲେ। ଜୁବୁଲିକୁ ସ୍ମରଣୀୟ ରଖିବା ନିମିତ୍ତ ପ୍ଲାଟିନମ ଜୁବୁଲି ସ୍ମରଣିକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ସଂଘ ଭବନ ପରିସରରେ ନବନିର୍ମିତ ପ୍ଲାଟିନମ ଜୁବୁଲି ଭବନକୁ ମଧ୍ୟ ଏହି ଅବସରରେ ଉଦଘାଟିତ ହୋଇଥିଲା।

ନିତିଦିନ

NITIDIN

# ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ପ୍ଲାଟିନମ୍ ଜୁବୁଲି



ଭୁବନେଶ୍ୱର,୨୧।୮/ଏନ୍‌ଏନ୍‌ଏସ୍: ବିଜ୍ଞାନ, ବୈଷୟିକ ଜ୍ଞାନ ବହୁ ମାତ୍ରାରେ ଉନ୍ନତି କରିଛି। ପୁରାଣ କାଳରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ସବୁଥିରେ ଟେକ୍ନୋଲୋଜିର ବ୍ୟବହାର ହୋଇ ଆସୁଛି। ଏହି ଅନୁଯାୟୀ ଡିପ୍ଲୋମା ଇଞ୍ଜିନିୟରମାନେ ମଧ୍ୟ ରାଜ୍ୟ ଏବଂ ଦେଶ ଗଠନରେ ତାଙ୍କର ଭୂମିକା ନିର୍ବାହ କରି ଆସୁଛନ୍ତି। ଟେକ୍ନୋଲୋଜିର ପରିବର୍ତ୍ତନ ସହିତ ନୂତନ ଜ୍ଞାନ କୌଶଳ ଆପଣାଇ କାର୍ଯ୍ୟ କରୁଛନ୍ତି। ଦେଶର ବିକାଶ ପାଇଁ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍‌କହିଛନ୍ତି। ରବିବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘ (ଓଡ଼େଶା)ର ପ୍ଲାଟିନମ୍ ଜୁବୁଲି ଓ ୭୭ତମ ବାର୍ଷିକ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏଥିସହ ଏହି କର୍ମଚାରୀ ସେବାସଂଘ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସଂଘୀୟ କାର୍ଯ୍ୟ ପରିଚାଳନା କରୁଥିବାରୁ ଡିପ୍ଲୋମା ଇଂଜିନିୟରମାନଙ୍କ ଏକ୍ୟ ଓ ସଂଘୀୟ ମନୋଭାବ ଅନ୍ୟ ବର୍ଗର କର୍ମଚାରୀଙ୍କ ପାଇଁ ଉଦାହରଣ ବୋଲି ରାଜ୍ୟପାଳ ମତ ଦେଇଥିଲେ। ଜୁବୁଲି କମିଟି ଅଧ୍ୟକ୍ଷ ଇଂ ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ଲାଟିନମ ଜୁବୁଲି ସ୍ମରଣିକା ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହ ସଂଘ ଭବନ ପରିସରରେ ନବନିର୍ମିତ ପ୍ଲାଟିନମ୍ ଜୁବୁଲି ଭବନକୁ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମ୍, ଢେଙ୍କାନାଳ ସାଂସଦ ମହେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଇଂ ନରେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ଇଂ ଶ୍ରୀଧର ବାରିକ ବିବରଣୀ ପ୍ରଦାନ କରିଥିଲେ।ସଂଘ ଭବନ ଠାରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିବାବେଳେ ଦୁଇଦିନ ଧରି ଏହା ଅନୁଷ୍ଠିତ ହେବ।

ପ୍ରଗତିବାଦୀ
ଭୁବନେଶ୍ୱର
ଭୁବନେଶ୍ୱର • ମଙ୍ଗଳବାର • ଅଗଷ୍ଟ ୨୩ • ୨୦୨୨

ଓଡ଼ିଶାର ପ୍ଲାଟିନମ ଜୁବୁଲି ସମାରୋହ

# ସେବା ଯୋଗାଇବାକୁ ୫-ଟି ନୀତି ଅନୁସରଣ କର





■ ଭୁବନେଶ୍ୱର ୨୨।୮ (ପିଏନଏସ) ପ୍ରକଳ୍ପ ଏବଂ ସେବାରେ ଅଧିକ ଦକ୍ଷତା ଆଣିବା ପାଇଁ ଶାସନ ମଡେଲର ୫-ଟି ନୀତିକୁ ଅନୁସରଣ କରିବାକୁ ଅନୁରୋଧ କରନ୍ତୁ । ତୃଣମୂଳ ସ୍ତରରେ ଇଞ୍ଜିନିୟରମାନଙ୍କ ପାଇଁ ୫-ଟି ପଦକ୍ଷେପ ଅଧିକ ମହତ୍ୱପୂର୍ଣ୍ଣ ଅଟେ। ଲୋକଙ୍କୁ ପ୍ରଦାନ କରୁଥିବା ସେବାଗୁଡ଼ିକର ଦକ୍ଷତା ଦ୍ୱାରା ଆମର ବିକାଶ ମଡେଲର ଦୃଶ୍ୟମାନତା ଅଧିକ ସ୍ପଷ୍ଟ ହୋଇଛି। ଏହା ଜଳ ଯୋଗାଣ ହେଉ, ଅବା ରାସ୍ତା ନିର୍ମାଣ ହେଉ କିମ୍ବା ଆମର ଯେକୌଣସି ପ୍ରକଳ୍ପ ହୋଇପାରେ, ସବୁଥିରେ ୫-ଟି ପଦକ୍ଷେପର ଚାରୋଟି ଉପାଦାନ - ଟେକ୍ନୋଲୋଜି, ଟିମ୍ ୱାର୍କ, ସ୍ୱଚ୍ଛତା ଏବଂ ସମୟ କୁ ନେଇ କାର୍ଯ୍ୟ କରାଯାଉଛି । ମୁଁ ଆଶା କରୁଛି ଆପଣ ସମସ୍ତେ ମୋ ସରକାରଙ୍କ ଏହି ନିର୍ଦ୍ଦେଶଗୁଡ଼ିକ ପାଳନ କରନ୍ତୁ ଯାହା ରାଜ୍ୟବାସୀଙ୍କୁ ସର୍ବୋତ୍ତମ ସେବା ଯୋଗାଇବ। ସାଇକ୍ଲୋନ, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନଙ୍କର ଭୂମିକା ପ୍ରଶଂସାଯୋଗ୍ୟ । ରାଜ୍ୟ ଏହାର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଦ୍ରୁତ ଗତିରେ ନେଉଥିବାରୁ ତୃଣମୂଳ ସ୍ତରର ଇଞ୍ଜିନିୟରମାନଙ୍କର ପ୍ରକଳ୍ପ କାର୍ଯ୍ୟକାରୀ ତଥା ରକ୍ଷଣାବେକ୍ଷଣରେ ଅଧିକ ଦାୟିତ୍ୱ ରହିଛି । ମୋଟାମୋଟି ଭାବେ କହିବାକୁ ଗଲେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟକାରୀ ତଥା ବିଦ୍ୟମାନ ଭିତ୍ତିଭୂମି ରକ୍ଷଣାବେକ୍ଷଣରେ ଡିପ୍ଲୋମା ଇଞ୍ଜିନିୟର୍ସ ସରକାରଙ୍କ ମେରୁଦଣ୍ଡ ଅଟନ୍ତି।

ଓଡ଼ିଶା ଭବନରେ ଆୟୋଜିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏସନର ପ୍ଲାଟିନମ୍ ଜୁବୁଲି ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଏହା କହିଛନ୍ତି । ଏଥି ସହିତ ଆସୋସିଏସନର ଦାବି ଉପରେ ଆଲୋକପାତ କରି ସମସ୍ତ ଦାବିକୁ ସହାନୁଭୂତି ସହ ବିଚାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଶ୍ଚିତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଖଣି ଓ ଶିଳ୍ପ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସାଂସଦ ମହେଶ କୁମାର ସାହୁ , ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଜଳସମ୍ପଦ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ, କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଯୋଗ ଦେଇ ରାଜ୍ୟର ବିକାଶରେ ଇଞ୍ଜିନିୟରମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ସେମାନେ ରାଜ୍ୟ ପ୍ରଗତିର ସାରଥି ଭାବେ ନିର୍ମାଣ କାର୍ଯ୍ୟରେ ଆଦ୍ୟ ବିନ୍ଧାଣୀ । ତେଣୁ ସେମାନଙ୍କ ଅବଦାନକୁ ଅଣଦେଖା କରାଯାଇପାରିବ ନାହିଁ । ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କୁ ସମ୍ମାନ ସ୍ୱରୂପ ସଂଘର ସ୍ମରଣିକା ପ୍ରଦାନ କରାଯାଇଥିଲା । ସେହିପରି ସମ୍ମାନିତ ଅତିଥିମାନଙ୍କୁ ମଧ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସଂଘର ବାର୍ଷିକ ସାଧାରଣ ସଭାରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇ ଆଗାମୀ ବର୍ଷର କାର୍ଯ୍ୟ ଖସଡ଼ା ଅନୁମୋଦନ ହୋଇଥିଲା । ସବୁ ବିଭାଗରେ ଏକକ କ୍ୟାଡ଼ର ରୁଲ ଲାଗୁ ଓ ଡିପ୍ଲୋମା କ୍ୟାଡରରୁ ଠିକା ନିଯୁକ୍ତି ପ୍ରଥା ସମ୍ପୂର୍ଣ୍ଣ ବିଲୋପ ପାଇଁ ନିଷ୍ପତ୍ତି ହୋଇଥିଲା । କାର୍ଯ୍ୟକ୍ରମକୁ ସଂଘ ସଭାପତି ଇଂ ଶ୍ରୀକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ଶ୍ରୀଧର ବାରିକ, ଅଧ୍ୟକ୍ଷ ଇଂ. ନିର୍ମଳ ଚନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ଇଂ. ସଚିନ୍ଦ୍ର ମୋହନ ରାଉଳ ପ୍ରମୁଖ ପରିଚାଳନା କରିଥିଲେ ।

ସମ୍ବାଦ

# ଡିପ୍ଲୋମା ଇଂଜିନିୟର୍‌ମାନେ ସରକାରଙ୍କ ମେରୁଦଣ୍ଡ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୮(ଇମିସ): ଡିପ୍ଲୋମା ଇଂଜିନିୟର୍‌ମାନେ ରାଜ୍ୟର ମେରୁଦଣ୍ଡ। ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ତଥା ବିଦ୍ୟମାନ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଏବଂ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନଙ୍କ ଭୂମିକା ସର୍ବଦା ପ୍ରଶଂସନୀୟ। ଓଡେଶା ଭବନରେ ଆୟୋଜିତ ଓଡ଼ିଶା ଡିପ୍ଲୋମା ଇଂଜିନିୟର୍ସ ସେବା ସଂଘର ପ୍ଲାଟିନମ୍ ଜୁବୁଲିର ଦ୍ୱିତୀୟ ଦିନର

## 'ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘ'ର ପ୍ଲାଟିନମ୍ ଜୁବୁଲି

ଦ୍ୱିତୀୟ ଅଧିବେଶନ 'ଐତିହ୍ୟ ସମାବେଶ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହା କହିଛନ୍ତି। ଏହି ଅବସରରେ ପ୍ରକଳ୍ପ ଓ ସେବାରେ ଅଧିକ କାର୍ଯ୍ୟକୁଶଳତା ଆଣିବା ପାଇଁ ସେ ଡିପ୍ଲୋମା ଇଞ୍ଜିନିୟର୍‌ମାନଙ୍କୁ ଶାସନ ମଡେଲର '୫-ଟି' ନୀତି ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ବିକାଶ ମଡେଲର ଦୃଶ୍ୟମାନତା ଅଧିକ ସ୍ପଷ୍ଟ ହୋଇଛି। ତୃଣମୂଳସ୍ତରରେ ଲୋକଙ୍କୁ ପ୍ରଦାନ କରାଯାଉଥିବା ସେବାଗୁଡ଼ିକର କାର୍ଯ୍ୟକାରିତା ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଜଳଯୋଗାଣ ହେଉ ଅବା ରାସ୍ତା, ନିର୍ମାଣ ବା ଅନ୍ୟ ଯେକୌଣସି ପ୍ରକଳ୍ପ; '୫-ଟି'ର ଚାରିଟି



ଉପାଦାନ (ଟେକ୍ନୋଲୋଜି, ଟିମ୍ ୱାର୍କ, ସ୍ୱଚ୍ଛତା ଓ ସମୟ) ଦ୍ୱାରା ଲୋକମାନେ ଅବଶ୍ୟକ କରୁଥିବା ସେବା ଯୋଗାଇଦେବାରେ ଆମେ ସଫଳ ହୋଇଛୁ। ଏଣୁ ସମସ୍ତେ 'ମୋ ସରକାର'ର ଏହି ସବୁ ପଦକ୍ଷେପକୁ ଅନୁସରଣ କରି ରାଜ୍ୟବାସୀଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସଂଘର ଦାବିଗୁଡ଼ିକୁ ସହାନୁଭୂତି ସହକାରେ ଗ୍ରହଣ କରାଯିବ ଏହି ଅବସରରେ ସେ ଆଶ୍ୱାସନା ଦେଇଥିଲେ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ୟ, ପ୍ରଫୁଲ୍ଲ ମଲ୍ଲିକ, ଟୁକୁନି ସାହୁ, ପ୍ରୀତିରଂଜନ ଘଡ଼ାଇ ଓ ତୁଷାରକାନ୍ତି ବେହେରା, ସାଂସଦ ମହେଶ ସାହୁ ଉପସ୍ଥିତ ଥିଲେ। ଓଡେଶାର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ସ୍ୱାଇଁ, ସଭାପତି ଶ୍ରୀକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ଶ୍ରୀଧର ବାରିକ ଓ ଅନ୍ୟାନ୍ୟ ସମସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଜି ପ୍ରଥମ ଅଧିବେଶନରେ ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ମଙ୍ଗଳବାର, ୨୩ ଅଗଷ୍ଟ ୨୦୨୨
ନିତିଦିନ

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ପ୍ଲାଟିନମ୍ ଜୁବୁଲି

# '୫-ଟି ନୀତିକୁ ଅନୁସରଣ କର'



ଭୁବନେଶ୍ୱର,୨୨/୮,ଏନ୍‌ଏନ୍‌ଏସ୍: ଡିପ୍ଲୋମା ଇଞ୍ଜିନିୟରମାନେ ୫-ଟି ନୀତି ଅନୁସାରେ କାର୍ଯ୍ୟ କରିବା ଜରୁରୀ। ଏହାଦ୍ୱାରା ସେମାନେ ନିଜର ଦକ୍ଷତାକୁ ପ୍ରତିପାଦିତ କରିବା ସହ ରାଜ୍ୟର ବିକାଶରେ ନିଜକୁ ସାମିଲ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ପ୍ଲାଟିନମ୍ ଜୁବୁଲି ଓ ୭୫ତମ ବାର୍ଷିକ ସାଧାରଣ ସଭାରେ ଏହି ମତ ପ୍ରକାଶ କରିଛନ୍ତି। ପ୍ରଥମ ଅଧିବେଶନରେ ସାଧାରଣସଭା ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଅଧିବେଶନରେ ସଂଘର 'ଐତିହ୍ୟ ସମାବେଶ' ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଅସଲ ଆତ୍ମା। ସେଥିପାଇଁ ଆମ ସରକାର ସାଧାରଣ ଲୋକଙ୍କ ଆବଶ୍ୟକତାକୁ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ତେଣୁ ଆପଣମାନେ ଏହାକୁ ଚାକିରି ଭାବେ ନ ଭାବି ସେବା ମନୋବୃତ୍ତି ନେଇ କାର୍ଯ୍ୟକରିବାକୁ ହେବ। ବୃତ୍ତିଗତ ଆଚରଣ ସହ ଉଚିତ ସେବା ଯୋଗାଇ ଦେଲେ ଆପଣମାନେ ବି ଭବିଷ୍ୟତରେ ସଫଳତା ପାଇପାରିବେ। ଏହାଦ୍ୱାରା ସାଧାରଣ ଲୋକଙ୍କ ଆବଶ୍ୟକତା ମେଣ୍ଟାଯାଇପାରିବ ବୋଲି ସେ କହିଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି ଯେ ରାଜ୍ୟର ସର୍ବପୁରାତନ ସେବା ସଂଘ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟକରି ପ୍ଲାଟିନମ୍ ଜୁବୁଲି ପାଳନ କରୁଛି। ଏକ କର୍ମଚାରୀ ସେବା ସଂଘ ନିମିତ୍ତ ଏହା ଗୌରବର ବିଷୟ। ସେହିପରି ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ରାଜ୍ୟ ତୃଣମୂଳ ସ୍ତରରେ ଭିତ୍ତିଭୂମି ନିର୍ମାଣରେ ସେବାରତ ଡିପ୍ଲୋମା ଇଞ୍ଜିୟରଙ୍କର ଭୂମିକା ରାଜ୍ୟର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେମାନେ ରାଜ୍ୟ ପ୍ରଗତିର ସାରଥୀ ଭାବରେ ନିର୍ମାଣ କାର୍ଯ୍ୟର ଆଦ୍ୟ ବିନ୍ଧାଣୀ। ବନ୍ୟା ବାତ୍ୟା ମରୁଡ଼ି ସମୟରେ ସେମାନେ ଉତ୍ସର୍ଗୀକୃତ ଭାବରେ ଜନ ସାଧାରଣଙ୍କ ସେବା କରିଆସିଛି। ତେଣୁ ସେମାନଙ୍କ ଅବଦାନକୁ ଅଣଦେଖା କରାଯାଇପାରିବ ନାହିଁ। ଅନ୍ୟପକ୍ଷରେ ମନ୍ତ୍ରୀ ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡ଼ାଇ ଓ ତୁଷାରକାନ୍ତି ବେହେରାଙ୍କ ସମେତ ଢେଙ୍କାନାଳ ସାଂସଦ ମହେଶ ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ।

### ଲାଗୁ ହେଉ ଏକକ କ୍ୟାଡର୍ ରୁଲ୍

ଭୁବନେଶ୍ୱର,୨୨।୮,ଏନ୍‌ଏନ୍‌ଏସ୍: ସଂଘର ବାର୍ଷିକ ସାଧାରଣ ସଭାରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଆଗାମୀ ବର୍ଷର କାର୍ଯ୍ୟ ଖସଡ଼ା ଅନୁମୋଦିତ ହୋଇଛି। ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଗୃହୀତ ଦାବି ମଧ୍ୟରେ ଡିପ୍ଲୋମା ଇଞ୍ଜିନିୟରଙ୍କ ପଦୋନ୍ନତି ହାର ଶତକଡ଼ା ୪୦% ପରିବର୍ତ୍ତେ ୫୦%କୁ ବୃଦ୍ଧି, ସବୁ ବିଭାଗର ଡିପ୍ଲୋମା ଇଞ୍ଜିନିୟରଙ୍କ ନିମିତ୍ତ ଏକକ କ୍ୟାଡର୍ ରୁଲ ଲାଗୁ ଓ ଡିପ୍ଲୋମା କ୍ୟାଡରରୁ ଠିକା ନିଯୁକ୍ତି ପ୍ରଥା ସମ୍ପୂର୍ଣ୍ଣ ବିଲୋପ ପାଇଁ ସରକାରଙ୍କ ପାଖରେ ଦାବି ହେବ ବୋଲି ନିଷ୍ପତ୍ତି ହୋଇଛି।

ସମାଜ
The Samaja
ମଙ୍ଗଳବାର ୨୩ ଅଗଷ୍ଟ ୨୦୨୨

ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘର ପ୍ଲାଟିନମ ଜୁବୁଲି

# ସରକାରଙ୍କ ମେରୁଦଣ୍ଡ ଡିପ୍ଲୋମା ଇଞ୍ଜିନିୟର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୮ (ଭୁ.ପ୍ର): ପ୍ରକଳ୍ପ ଏବଂ ସେବାଗୁଡ଼ିକରେ ଅଧିକ ଦକ୍ଷତା ଆଣିବା ପାଇଁ ପ୍ରଶାସନର ୫-ଟି ଉପକ୍ରମକୁ ଅନୁକରଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିପ୍ଲୋମା ଇଞ୍ଜିନିୟରଙ୍କୁ ପରାମର୍ଶ ଦେଇଛନ୍ତି। ଓଡେଶା ଭବନ ଠାରେ ଅନୁଷ୍ଠିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର ପ୍ଲାଟିନମ ଜୁବୁଲି ଉତ୍ସବରେ ସୋମବାର ଯୋଗଦେଇ ମୁଖ୍ୟମନ୍ତ୍ରୀ

## '୫-ଟି'କୁ ଅନୁକରଣ କରିବାକୁ ପରାମର୍ଶ

କହିଥିଲେ ଯନ୍ତ୍ରୀମାନଙ୍କ ପାଇଁ ମୂଳ ସ୍ତରରେ ୫-ଟି ଉପକ୍ରମ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତୃଣମୂଳସ୍ତରରେ ଲୋକଙ୍କୁ ପ୍ରଦାନ କରାଯାଉଥିବା ସେବାରେ ଦକ୍ଷତା ଯୋଗୁ ଆମ ବିକାଶ ମଡେଲର ଦୃଶ୍ୟମାନତା ଅଧିକ ସ୍ପଷ୍ଟ ହୋଇଛି। ଜଳଯୋଗାଣ ହେଉ କି ସଡ଼କ କିମ୍ବା କୋଠା ଅଥବା ଅନ୍ୟ ପ୍ରକଳ୍ପ ୫-ଟିର ୪ଟି ଉପାଦାନ ଯଥା- ଟେକ୍ନୋଲୋଜି, ଟିମୱାର୍କ, ଟ୍ରାନ୍ସପାରେନ୍ସି ଏବଂ ଟାଇମ୍ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକେ ଏହା ସରକାରଙ୍କ ଠାରୁ ପାଇବା ପାଇଁ ହକଦାର।



ରାଜ୍ୟବାସୀଙ୍କୁ ସର୍ବୋତ୍ତମ ସେବା ଯୋଗାଇବା ପାଇଁ ସମସ୍ତେ ସରକାରର ଏହି ଆଦେଶ ପାଳନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ପ୍ଲାଟିନମ ଜୁବୁଲିର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ, ଜାରି ରହିଥିବା ପ୍ରକଳ୍ପ କାର୍ଯ୍ୟକାରୀ କରିବା ଏବଂ ଭିତ୍ତିଭୂମି ତଦାରଖରେ ଡିପ୍ଲୋମା ଇଞ୍ଜିନିୟର ହେଉଛନ୍ତି ସରକାରଙ୍କ ମେରୁଦଣ୍ଡ। ପ୍ରାକୃତିକ ବିପର୍ଯ୍ୟୟ ଯଥା- ବାତ୍ୟା ଏବଂ ବନ୍ୟା ସମୟରେ ସେମାନଙ୍କ ଭୂମିକା ପ୍ରଶଂସନୀୟ। ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଦ୍ରୁତଗତିରେ ଆଗେଇ ଚାଲିଥିବାରୁ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣରେ ତୃଣମୂଳସ୍ତରର ଯନ୍ତ୍ରୀଙ୍କ ଦାୟିତ୍ୱ ଅଧିକ ରହିଛି। ସଂଘର ସମସ୍ତ ଦାବି ସହୃଦୟତାର ସହ ବିଚାର କରାଯିବ। ସରକାର ସଂଘର ଦାବିଗୁଡ଼ିକ ଉପରେ ଧ୍ୟାନ ଦେଉଛନ୍ତି। ନିକଟରେ କ୍ୟାଡରର ରୁଲ ସଂଶୋଧନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ଅମାତ, ପ୍ରଫୁଲ୍ଲ ମଲ୍ଲିକ, ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡ଼େଇ, ତୁଷାରକାନ୍ତି ବେହେରା, ସାଂସଦ ମହେଶ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଓଡେଶା ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ସ୍ୱାଇଁ, ସଭାପତି ଶ୍ରୀକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ଶ୍ରୀଧର ବାରିକଙ୍କ ସମେତ ଅନ୍ୟ ପଦାଧିକାରୀ ରାଜ୍ୟର ବିକାଶ ପ୍ରକ୍ରିୟାରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

ସଂଘର ବାର୍ଷିକ ସାଧାରଣ ସଭାରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ଅନୁମୋଦିତ ହୋଇଥିଲା। ସର୍ବସମ୍ମତିକ୍ରମେ ଗୃହୀତ ଦାବି ମଧ୍ୟରେ ଡିପ୍ଲୋମା ଇଞ୍ଜିନିୟରଙ୍କ ପଦୋନ୍ନତି ହାର ଶତକଡ଼ା ୪୦ ଭାଗ ପରିବର୍ତ୍ତେ ୫୦ ଭାଗକୁ ବୃଦ୍ଧି, ସବୁ ବିଭାଗରେ ଡିପ୍ଲୋମା ଇଞ୍ଜିନିୟରଙ୍କ ପାଇଁ ଏକକ କ୍ୟାଡର ନିୟମ ଲାଗୁ ଓ ଡିପ୍ଲୋମା କ୍ୟାଡରରୁ ଠିକା ନିଯୁକ୍ତିପ୍ରଥା ବିଲୋପ ପାଇଁ ନିଷ୍ପତ୍ତି ହୋଇଥିଲା।

# ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ ତରଫରୁ ସାର୍ ଏମ୍.ବିଶ୍ୱେଶ୍ୱରାୟାଙ୍କର ୧୬୨ତମ ଜନ୍ମ ଜୟନ୍ତୀ ତଥା ୫୫ତମ ଇଂଜିନିୟର ଦିବସ ଓ ପୁରୀ ଶାଖାର ବାର୍ଷିକ ସାଧାରଣ ସଭା ଶ୍ରୀକ୍ଷେତ୍ର ଓଡ଼େଶା ଭବନଠାରେ ପାଳିତ

ଭାରତ ବର୍ଷର ଅନ୍ୟତମ ଯୋଗଜନ୍ମା ଶତାୟୁପୁରୁଷ, ଯନ୍ତ୍ରୀ ଗୌରବ, ଆଧୁନିକ ଭାରତ ଗଠନର ବିନ୍ଧାଣି, ଆମ୍ଭମାନଙ୍କର ଆଦର୍ଶ, "ଭାରତ ରତ୍ନ" ଉପାଧିରେ ସମ୍ମାନୀତ ଇଂ. ସାର.ଏମ୍. ବିଶ୍ୱେଶ୍ୱରାୟାଙ୍କର ଜନ୍ମତିଥି ସେପ୍ଟେମ୍ବର ମାସ ୧୫ ତାରିଖକୁ ସମଗ୍ର ଦେଶରେ "ଇଂଜିନିୟର ଦିବସ" ରୂପେ ପାଳନ କରାଯାଇଛି । ଚଳିତ ବର୍ଷଟି ଥିଲାର ସାର୍. ଏମ୍. ବିଶ୍ୱେଶ୍ୱରାୟାଙ୍କର ୧୬୨ତମ ଜନ୍ମତିଥି । ଏହି ଦିବସଟିକୁ ସାରା ଦେଶରେ ୫୫ତମ ଇଂଜିନିୟର ଦିବସ ରୂପେ ପାଳନ କରାଯାଇଛି । ଓଡ଼େଶା ମଧ୍ୟ ଏହି ଅବସରରେ ବିଶ୍ୱେଶ୍ୱରାୟାଙ୍କୁ ଭକ୍ତିପୁତ ସମ୍ମାନ ଜଣାଇଛି । ଚଳିତ ବର୍ଷ ଇଂଜିନିୟର ଦିବସଟି ପ୍ରଥମ ଥର ପାଇଁ ପୁରୀସ୍ଥିତ ଶ୍ରୀକ୍ଷେତ୍ର ଓଡ଼େଶା ଭବନ ପରିସରରେ ବହୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଅଛି । ଏଥିସହିତ ପୁରୀ ଶାଖାର ସାଧାରଣସଭା ଓ ସାଙ୍ଗଠନିକ ବୈଠକ ଏଠାରେ ଅନୁଷ୍ଠିତ ହୋଇ ୨୦୨୩ ବର୍ଷ ପାଇଁ ପୁରୀ ଶାଖର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ଓଡ଼େଶାର ସାଙ୍ଗଠନିକ କାର୍ଯ୍ୟର ଶୁଭାରମ୍ଭ କରାଯାଇଅଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼େଶା ତରଫରୁ "୫୫ତମ ଇଂଜିନିୟର ଦିବସ" ପାଳନ ହେବା ସହିତ ପୁରୀ ଶାଖାର ସଭାପତି ଇଂ. ମକର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଅଛି । ପୁରୀ ମହାମଣ୍ଡଳ ସମ୍ପାଦକ ଇଂ. ଓକିଲ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଏହି ବୈଠକର ଆରମ୍ଭରେ ନିମନ୍ତ୍ରିତ ମୁଖ୍ୟ ଅତିଥି ସଂଘର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ସଦସ୍ୟ ଇଂ. ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ଓଡ଼େଶାର ଉପଦେଷ୍ଟା, ସଭାପତି, ସାଧାରଣ ସମ୍ପାଦକ, ଉପସଭାପତି, ଅନ୍ୟାନ୍ୟ କର୍ମକର୍ତ୍ତା ଓ ସାଧାରଣ ସଦସ୍ୟମାନେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରି ନିଜ ନିଜର ସମ୍ମାନ ଜଣାଇଥିଲେ । ପୁରୀ ଶାଖା ତରଫରୁ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଧ୍ୟକ୍ଷଙ୍କର ପ୍ରାରମ୍ଭିକ ଭାଷଣ ପରେ ଓଡ଼େଶାର ଉପଦେଷ୍ଟା ଇଂ. ସଚିତ୍ର ମୋହନ ରାଉଳ ବୈଠକରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା, ସମ୍ମାନନୀୟ ଅତିଥି ଓ ପୁରୀ ଶାଖାର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଶାଖାର ସଦସ୍ୟ ସଦସ୍ୟାମାନଙ୍କୁ ସଂଘ ତରଫରୁ ହାର୍ଦ୍ଦିକ ସ୍ୱାଗତ ଓ ଆନ୍ତରିକ ଧନ୍ୟବାଦ୍ ଜଣାଇଥିଲେ । ଇଂ. ରାଉଳ ନିଜ ବକ୍ତବ୍ୟରେ ଇଂ. ବିଶ୍ୱେଶ୍ୱରାୟାଙ୍କର ଜୀବନୀ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ସେ ତାଙ୍କର ବହୁମୁଖୀ ପ୍ରତିଭା, ନୂତନ ଭାରତ ଗଠନରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା, ତାଙ୍କର କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା, ଦେଶ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତି ଓ ତା'ର କାର୍ଯ୍ୟକାରିତା, ଦେଶ ବାହାରେ ବିଭିନ୍ନ ଦେଶରେ ସେଠାକାର ଜଳଯୋଗାଣ, ଭିତ୍ତିଭୂମି ବିକାଶ କାର୍ଯ୍ୟରେ ପରାମର୍ଶ ଦେଇ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତା' ଉପରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଶା ପାଇଁ ତାଙ୍କର ଯେଉଁ ଅବଦାନ ଥିଲା ସେ ବିଷୟରେ ବର୍ଣ୍ଣନା କରି ତାଙ୍କର ସ୍ମୃତିଚାରଣ କରିଥିଲେ । ସଂଘର ଉପସଭାପତି ଇଂ. ସୁଦର୍ଶନ ବେହେରା ନିଜର ବକ୍ତବ୍ୟରେ ସାର୍. ବିଶ୍ୱେଶ୍ୱରାୟାଙ୍କର ବହୁବିଧ ଗୁଣାବଳୀର ବର୍ଣ୍ଣନା କରିଥିଲେ । ବୈଠକର ମୁଖ୍ୟ ଅତିଥି ଇଂ. ରମେଶ ଚନ୍ଦ୍ର ମହାନ୍ତି ନିଜ ବକ୍ତବ୍ୟରେ ସାର୍. ଏମ୍. ବିଶ୍ୱେଶ୍ୱରାୟାଙ୍କର ବୁଦ୍ଧିମତ୍ତା, ଦୂରଦର୍ଶୀତା ଓ ସେ କିପରି ଦିନ, ରାତି ଏପରିକି ତାଙ୍କର ଇନ୍ଦ୍ରୀୟଗୁଡ଼ିକ ସଜାଗ ରହି ଆସନ୍ନ ବିପଦରୁ ଜନସାଧାରଣଙ୍କୁ ରକ୍ଷା କରୁଥିଲା ଓ ସେ ସଠିକ୍ ସମୟରେ ତତ୍କାଳୀନ ଶାସକମାନଙ୍କୁ ସମୟୋଚିତ ପରାମର୍ଶ ଦେଇ ଦେଶ ମାତୃକା ପାଇଁ କାର୍ଯ୍ୟ କରୁଥିଲେ ତା'ର ଉଦାହରଣ ଦେଇ ସମସ୍ତଙ୍କୁ ତାଙ୍କ କାର୍ଯ୍ୟଧାରାରେ ଉଦ୍‌ବୁଦ୍ଧ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଡିପ୍ଲୋମା ଇଂଜିନିୟର ମାନଙ୍କର ଭୂମିକା ରାଷ୍ଟ୍ରଗଠନରେ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଗତ ପ୍ଲାଟିନମ୍ ଜୁବୁଲି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମହାମହିମ ରାଜ୍ୟପାଳ ମୁକ୍ତ କଣ୍ଠରେ ସ୍ୱୀକାର କରିଥିବାରୁ ସେଥିରେ ରାଜ୍ୟର ସମସ୍ତ ଡିପ୍ଲୋମା ଇଂଜିନିୟର ଗର୍ବ ଅନୁଭବ କରିବା ଉଚିତ୍ ବୋଲି କହିଥିଲେ । ଏଥିସହିତ ସଂଘୀୟ ଏକତା, ସଂଘର ଦାବିପୂରଣ ଓ ଆଗାମୀ ଦିନରେ ସଂଘର ଆବଶ୍ୟକତା ଅନୁସାରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀକୁ ଶାଖା ତରଫରୁ ଉପଯୁକ୍ତ ସହଯୋଗ ଦେବାନିମିତ୍ତ ପରାମର୍ଶ ଦେଇଥିଲେ । ଏଥିସହିତ ସଂଘୀୟ ଏକତା ବଜାୟ ରଖିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ ଶାଖାର ବାର୍ଷିକ ସାଧାରଣ ସଭା ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ତବ୍ୟ ରଖି ସଂଘର ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ସଂଘର ସାଂପ୍ରତିକ ପରିସ୍ଥିତି, ଆର୍ଥିକ ପରିସ୍ଥିତି, ଦାବି ହାସଲ ପାଇଁ ବିଭିନ୍ନ ବିଭାଗରେ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ବିଶେଷକରି ଗତ ପ୍ଲାଟିନମ୍ ଜୁବୁଲି ପାଳନ ଅବସରରେ ଯେଉଁ ଅଭୁତପୂର୍ବ ଜନସମାଗମ ହେଲା, ସେଥିପାଇଁ ସେ ଶାଖାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟସଦସ୍ୟାମାନଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ । ୭୮ ବର୍ଷର ସର୍ବପୁରାତନ ସଂଘର କର୍ମକର୍ତ୍ତାମାନଙ୍କର ପ୍ରୟାସ, ସାଙ୍ଗଠନିକ ଶକ୍ତି, ସଂଘୀୟ ଶୃଙ୍ଖଳା ହେତୁ ପ୍ଲାଟିନମ୍ ଜୁବୁଲି ଉତ୍ସବରେ ଏକ ସମୟରେ ମହାମହିମ ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ୍ ମହୋଦୟ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ମାନ୍ୟବର ବରିଷ୍ଠ ମନ୍ତ୍ରୀବୃନ୍ଦ, ମାନ୍ୟବର ସାଂସଦ ବୃନ୍ଦ ପ୍ଲାଟିନମ୍ ଜୁବୁଲି ଉତ୍ସବରେ ଯୋଗଦେଇ ଏହି ଉତ୍ସବକୁ ଚିରସ୍ମରଣୀୟ କରିଛନ୍ତି । ଏହା ସମସ୍ତ ୮୦୦୦ ସଦସ୍ୟ ସଦସ୍ୟାମାନଙ୍କର ଅକୁଣ୍ଠ ସହଯୋଗ ହେତୁ ସମ୍ଭବ ହୋଇଛି ଓ ଏହାର ଶ୍ରେୟ ସମସ୍ତ ସାଧାରଣ ସଦସ୍ୟମାନଙ୍କର ବୋଲି ସେ ପ୍ରକାଶ କରିଥିଲେ । ଗତ ୭୭ତମ ସାଧାରଣ ସଭାରେ ଅନେକ ଗୁଡ଼ିଏ ପ୍ରସ୍ତାବ, ଦାବୀ ଗୃହୀତ ହୋଇଛି ଓ ସେ ସବୁର ସମାଧାନ ପାଇଁ ସାଂଗଠନିକ ଶକ୍ତିକୁ ଆହୁରି ମଜଭୁତ୍ କରି ଆମକୁ ସରକାରଙ୍କ ସହିତ ଆଲୋଚନା କରିବାକୁ ପଡ଼ିବ ଓ ଦରକାର ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ହେବ ବୋଲି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ଏହା ବ୍ୟତୀତ ସଂଘର ଆଗାମୀ ୨୦୨୩ ବର୍ଷର ଡାଏରୀ ପାଇଁ ଏକ କୋଟିର ବିଜ୍ଞାପନ ରାଶି ସଂଗ୍ରହ ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ପୁରୀ ଶାଖା ପ୍ଲାଟିନମ୍ ଜୁବୁଲି ରାଶି ସଂଗ୍ରହରେ ସଫଳତା ପାଇଁ ପ୍ଲାଟିନମ୍ ଜୁବୁଲି ଉତ୍ସବରେ ପୁରସ୍କୃତ ହୋଇଥିବାରୁ ଶାଖାର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନଙ୍କୁ ଆନ୍ତରିକ ଧନ୍ୟବାଦ୍ ଜଣାଇଥିଲେ ।

ଓଡ଼ିଶାର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ନିଜର ବକ୍ତବ୍ୟରେ ସଂଘର ବିଭିନ୍ନ ଦାବିଗୁଡ଼ିକୁ ନେଇ ସରକାରୀ ସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ବିଭାଗ ଅନୁଯାୟୀ ଅଗ୍ରଗତି ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ । ପଞ୍ଚାୟତିରାଜ ବିଭାଗର ସମସ୍ୟା ସମାଧାନରେ ବିଭାଗୀୟ ସଚିବଙ୍କ ସହିତ ହୋଇଥିବା ଆଲୋଚନା, ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକା କନିଷ୍ଠଯନ୍ତ୍ରୀମାନଙ୍କର ଚାକିରୀ ନିୟମିତକରଣ ଓ.ଆର.ଡବ୍ଲ୍ୟୁ. ପି.ଏଚ୍. ଉଇଙ୍ଗ୍‌ର ଡିପ୍ଲୋମ ଇଂଜନିୟରମାନଙ୍କର କ୍ୟାଡର ସମସ୍ୟା ନେଇ ମାନ୍ୟବର ମନ୍ତ୍ରୀଙ୍କ ସହିତ ହୋଇଥିବା ଆଲୋଚନା, ଜଳସମ୍ପଦନ ଓ ପୂର୍ତ୍ତ ବିଭାଗ ସଚିବ ମାନଙ୍କ ସହିତ ପଦୋନ୍ନତି ଓ ବିଭାଗୀୟ ସମସ୍ୟା ସମାଧାନ ପାଇଁ ହୋଇଥିବା ଆଲୋଚନା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କର ଅବଗତି ନିମିତ୍ତ ସଭାରେ ଉତ୍‌ଥାପନ କରିଥିଲେ । ଆଗାମୀ ଦିନରେ ଦାବି ହାସଲ ପାଇଁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯିବ ସେଥିରେ ସମସ୍ତେ ସହଯୋଗ ଦେବା ନିମିତ୍ତ ସେ ଅନୁରୋଧ କରିଥିଲେ । ଏହା ବ୍ୟତୀତ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ଉତ୍‌ଥାପନ କରାଯାଇଥିବା କିଛି ପ୍ରଶ୍ନର ଉପଯୁକ୍ତ ଉତ୍ତର ମଧ୍ୟ ସେ ଦେଇଥିଲେ ।

ବୈଠକ ଆରମ୍ଭରେ ଶାଖା ସମ୍ପାଦକ ଇଂ. ରାଜେଶ୍ୱର ମହାରଣା ଶାଖାର ବାର୍ଷିକ ବିବରଣୀ, ସାଙ୍ଗଠନିକ ବିବରଣୀ ଓ ଆର୍ଥିକ ବିବରଣୀ ସଭାରେ ଉପସ୍ଥାପନ କରିଥିଲେ । ପ୍ରଥମଥର ପାଇଁ ସଂଘ ତରଫରୁ ପୁରୀ ଶାଖାଠାରେ "ଇଂଜିନିୟର ଦିବସ" ପାଳନ ପାଇଁ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ନିଷ୍ପତ୍ତିକୁ ସେ ଭୂୟିୟସୀ ପ୍ରଶଂସା କରିଥିଲେ । ପୁରୀ ଶାଖା ସଭାପତି ଇଂ. ମକର ବେହେରା ଆଗାମୀ ଡାଏରୀ - ୨୦୨୩ ପାଇଁ ରେକର୍ଡ ପରିମାଣର ବିଜ୍ଞାପନ ରାଶି ସଂଗ୍ରହ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ଓ ଏହାଦ୍ୱାରା ଶ୍ରୀକ୍ଷେତ୍ର ଓଡ଼ିଶା ଭବନର ଦ୍ୱିତୀୟ ମହଲାର କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ କରିପାରିବା ବୋଲି ପ୍ରସ୍ତାବ ରଖିଥିଲେ ।

ସଭାରେ ଉପସ୍ଥିତ ସଦସ୍ୟମାନେ ଇଂ. ବିଶ୍ୱେଶ୍ୱରାୟାଙ୍କ ଉଦ୍ଦେଶ୍ୟରେ ନିଜ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସରକାରୀ କାର୍ଯ୍ୟକୁ ସେବା ମନୋଭାବ, ଆନ୍ତରିକତା ଓ ନିଷ୍ଠାର ସହିତ କାର୍ଯ୍ୟ କରିବା ପାଇଁ ମତପ୍ରକାଶ କରିଥିଲେ । ସଂଘର ପ୍ଲାଟିନମ୍ ଜୁବୁଲି ଉତ୍ସବକୁ ସମସ୍ତେ ମନଭରି ଉପଭୋଗ କରିଛନ୍ତି ବୋଲି ସଭାରେ ଖୋଲା ମନରେ ସ୍ୱୀକାର କରିଥିଲେ । ଆଲୋଚନାରେ ଇଂ. ନଟବର ବିଶ୍ୱାଳ ଓ ଇଂ. ପ୍ରଣବ ପ୍ରକାଶ ସାହୁଙ୍କ ସମେତ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ ।

ଏହାପରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ପୁରୀ ମହାମଣ୍ଡଳ ସମ୍ପାଦକ ଇଂ. ଓକିଲ ମହାପାତ୍ର ୨୦୨୩ ବର୍ଷ ପାଇଁ ପୁରୀ ଶାଖାର ନୂତନ କର୍ମକର୍ତ୍ତାମାନଙ୍କର ନିର୍ବାଚନ କରାଇଥିଲେ । ସର୍ବସମ୍ମତି କ୍ରମେ କର୍ମକର୍ତ୍ତାମାନଙ୍କର ଚୟନ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଥିଲା । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଥିଲା ସଭାରେ ସଦସ୍ୟ ସଦସ୍ୟାମାନଙ୍କର ବହୁଳ ସଂଖ୍ୟାରେ ଯୋଗଦାନ ଓ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଧୈର୍ଯ୍ୟ ଓ ଶୃଙ୍ଖଳିତ ହୋଇ ସଭାକାର୍ଯ୍ୟରେ ସହଯୋଗ । ରାତ୍ର ପ୍ରାୟ ୧୦ ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ସଭାକାର୍ଯ୍ୟ ଚାଲିଥିଲା । ପୁରୀ ମହାମଣ୍ଡଳ ସମ୍ପାଦକ ଇଂ. ଓକିଲ ମହାପାତ୍ରଙ୍କ ଧନ୍ୟବାଦ ପ୍ରସ୍ତାବ ପରେ ସଭାସାଙ୍ଗ କରାଯାଇଥିଲା ।

ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ମହାପ୍ରସାଦ ସେବନ କରି ପ୍ରଭୁଙ୍କର ଆଶୀଷ ନେଇ ସମସ୍ତ ସଦସ୍ୟ ସଦସ୍ୟା ଶ୍ରୀକ୍ଷେତ୍ର ଓଡ଼େଶା ଭବନ ଛାଡ଼ି ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଫେରିଥିଲେ ।

## ଓଡ଼େଶାର ପ୍ଲାଟିନମ୍ ଜୁବୁଲି ଅବସରରେ ଶୁଭେଚ୍ଛା ବାର୍ତ୍ତା ପଠାଇଲେ ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମନ୍ତ୍ରୀବୃନ୍ଦ

ବହୁ ପ୍ରତିକ୍ଷୀତ ଓଡ଼େଶାର ପ୍ଲାଟିନମ୍ ଜୁବୁଲି ଗତ ଅଗଷ୍ଟ ମାସ ୨୦ ତାରିଖରେ ଆରମ୍ଭ ହୋଇ ଅଗଷ୍ଟ ୨୩ ତାରିଖରେ ଖୁବ୍ ସଫଳତାର ସହିତ ସମାପନ ହୋଇଛି । ଏହି ଉତ୍ସବରେ ଯୋଗଦେଇଥିଲେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶା ମନ୍ତ୍ରୀମଣ୍ଡଳର ବରିଷ୍ଠ ସଦସ୍ୟ ଶ୍ରୀ ପ୍ରଦୀପ କୁମାର ଅମାତ, ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରୀମତୀ ଟୁକୁନି ସାହୁ, ଶ୍ରୀ ତୁଷାରକାନ୍ତି ବେହେରା, ଶ୍ରୀ ପ୍ରିତିରଂଜନ ଘଡାଇ ଓ ସାଂସଦ ଜୁଏଲ୍ ଓରାମ ଓ ଶ୍ରୀ ମହେଶ ସାହୁ ମହୋଦୟ । ତତ୍‌ସହିତ ଏହି ପ୍ଲାଟିନମ୍ ଜୁବୁଲିର ସଫଳତା ପାଇଁ ବାହୁ ବିଶିଷ୍ଟ ବ୍ୟକ୍ତି ନିଜ ନିଜର ଶୁଭେଚ୍ଛା ବାର୍ତ୍ତାମାନ ପଠାଇଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଭାରତର ଉପ-ରାଷ୍ଟ୍ରପତି ଶ୍ରୀ ଏମ୍. ଭେଙ୍କିଆନାଇଡୁ, ମହାମହୀମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶାର ମନ୍ତ୍ରୀ ମଣ୍ଡଳର ବରିଷ୍ଠ ସଦସ୍ୟ ଶ୍ରୀ ପ୍ରଦୀପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମାନ୍ୟବର ମନ୍ତ୍ରୀ ପୂର୍ତ୍ତ ବିଭାଗ, ଶ୍ରୀମତୀ ଉଷା ଦେବୀ, ମାନ୍ୟବର ମନ୍ତ୍ରୀ ଗୃହ ଓ ନଗର ଉନ୍ନୟନ ବିଭାଗ, ଶ୍ରୀମତୀ ଟୁକୁନୀ ସାହୁ, ମାନ୍ୟବର ମନ୍ତ୍ରୀ ଜଳସମ୍ପଦ, ଶ୍ରୀ ତୁଷାରକାନ୍ତି ବେହେରା ମାନ୍ୟବର କ୍ରୀଡା, ଯୁବ ବ୍ୟାପାର ଓ ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ, ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ ବିଜ୍ଞାନ ଓ କାରିଗର କୌଶଳ, ଶ୍ରୀ ପ୍ରିତିରଂଜନ ଘଡ଼ାଇ, ମାନ୍ୟବର ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ । ଏହି ବାର୍ତ୍ତା ମାଧ୍ୟମରେ ସମସ୍ତ ଅତିଥି ପ୍ଲାଟିନମ୍ ଜୁବୁଲିର ସଫଳତା କାମନା କରିବା ସହିତ ଡିପ୍ଲୋମା ଇଂଜିନିୟରମାନଙ୍କର କାର୍ଯ୍ୟଧାରା ଓ ଦେଶ ସେବାର ଭୂୟସୀ ପ୍ରଶଂସା କରିଛନ୍ତି ।

## ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ସଚିବଙ୍କୁ ଭେଟିଲେ ଓଡ଼େଶାର କର୍ମକର୍ତ୍ତା

ଇତିମଧ୍ୟରେ ଓଡ଼େଶାର କର୍ମକର୍ତ୍ତାମାନେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବଙ୍କ ସହିତ ସାକ୍ଷାତ କରି ଉକ୍ତ ବିଭାଗର ବିଭିନ୍ନ ସମସ୍ୟା ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ଉକ୍ତ ବିଭାଗରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀମାନଙ୍କର ଗ୍ରେଡେସନ୍ ଲିଷ୍ଟ ପ୍ରସ୍ତୁତ, ଏସ୍.ସି.ବି.ସି. ବର୍ଗର ଜିପିଟିଏ ମାନଙ୍କର ଚାକିରୀ ନିୟମିତକରଣ, କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ବିଶେଷ କରି ସାରା ରାଜ୍ୟରେ ପ୍ରଚଳିତ ଡିପ୍ଲୋମା ଇଂଜିନିୟର କ୍ୟାଡର ରୁଲ୍‌କୁ ଉକ୍ତ ବିଭାଗରେ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ପାଇଁ କର୍ମକର୍ତ୍ତାମାନେ ପ୍ରମୁଖ ସଚିବଙ୍କୁ ଅନୁରୋଧ କରିଥିଲେ । ଏ ସମସ୍ତ ବିଷୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ବୈଠକ ଆହୂତ କରିବା ପାଇଁ ପ୍ରମୁଖ ସଚିବ ପ୍ରତିଶ୍ରୁତି ଦେଇଥିଲେ । ଇତିମଧ୍ୟରେ ଉକ୍ତ ବିଭାଗରେ ଦାବିଗୁଡ଼ିକ ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଓ ଖୁବ୍ ଶୀଘ୍ର ଏହାର ସୁଫଳ ସଦସ୍ୟମାନେ ପାଇବେ ବୋଲି ସେ ପ୍ରକାଶ କରିଥିଲେ । ଏ ବାବଦରେ ଏକ ସ୍ମାରକପତ୍ର ସଂଘର କର୍ମକର୍ତ୍ତାମାନେ ପ୍ରମୁଖ ସଚିବଙ୍କୁ ହସ୍ତାନ୍ତର କରିଥିଲେ ।

## ଜଳସମ୍ପଦ ଅତିରିକ୍ତ ଶାସନ ସଚିବଙ୍କୁ ସାକ୍ଷାତ କଲେ କେନ୍ଦ୍ରୀୟ କର୍ମକର୍ତ୍ତା


ଗତ ତା ୦୮.୦୯.୨୦୨୨ରିଖ ଦିନ ଓଡ଼ିଶାର ଏକ ପ୍ରତିନିଧି ମଣ୍ଡଳୀ ଜଳସମ୍ପଦ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗଙ୍କୁ ସାକ୍ଷାତ କରି ବିଭାଗୀୟ ପଦୋନ୍ନତି ଓ ଅନ୍ୟାନ୍ୟ ସମସ୍ୟା ବିଷୟରେ ଆଲୋଚନା କିଛନ୍ତି । ଆଲୋଚନା ସମୟରେ ତାଙ୍କ ବିଭାଗରେ ସହକାରୀ ଯନ୍ତ୍ରୀ ପଦବୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁ ବିଭାଗୀୟ ପଦୋନ୍ନତି କମିଟି ବୈଠକ ଶେଷ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ଖାଲିଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପାଇଁ ପଦୋନ୍ନତି ନିର୍ଦ୍ଦେଶନାମା ପ୍ରକାଶରେ ଅହେତୁକ ବିଳମ୍ବ ହେଉଥିବାରୁ କାର୍ଯ୍ୟରତ ଡିପ୍ଲୋମା ଇଂଜିନିୟର ମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି ଓ କାର୍ଯ୍ୟକ୍ଷେତ୍ରରେ ନୈରାଶ୍ୟଭାବ ସୃଷ୍ଟି ହେବା ସ୍ୱାଭାବିକ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । ଚାକିରୀର ଅନ୍ତିମ ପର୍ଯ୍ୟାୟରେ ଡିପ୍ଲୋମା ଇଂଜିନିୟରମାନଙ୍କୁ ଗୋଟିଏ ପଦୋନ୍ନତି ମିଳୁଥିବା ସମୟରେ ତାହା ଅହେତୁକ ଭାବେ ବିଳମ୍ବ ହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । ପ୍ରକାଶଯୋଗ୍ୟ ଯେ, ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ପ୍ରାୟ ୮୦ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ହୋଇଛି ଓ ଏଥି ନିମିତ୍ତ ପଦୋନ୍ନତି ନିର୍ଦ୍ଦେଶନାମା ପ୍ରକାଶ କରିବା ନିମିତ୍ତ କର୍ମକର୍ତ୍ତାମାନେ ଅତିରିକ୍ତ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି । ଏହା ବ୍ୟତୀତ ବିଭାଗୀୟ ଅନ୍ୟାନ୍ୟ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଆଲୋଚନା ସମୟରେ ପଦୋନ୍ନତି ସହିତ ସମସ୍ତ ବିଷୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ । ଏଥିନିମିତ୍ତ କର୍ମକର୍ତ୍ତାମାନେ ଅତିରିକ୍ତ ଶାସନ ସଚିବଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଗ୍ରାମ୍ୟ ଉନ୍ନୟନ ବିଭାଗରେ ଜନସ୍ୱାସ୍ଥ୍ୟ ଯନ୍ତ୍ରୀମାନଙ୍କର କ୍ୟାଡର ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ସଂଘର ପ୍ରତିନିଧି ମଣ୍ଡଳୀ

ଗତ ତା ୧୩.୦୯.୨୦୨୨ରିଖ ଦିନ ସଂଘର କର୍ମକର୍ତ୍ତାମାନେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରୀତିରଂଜନ ଘଡାଇଙ୍କୁ ଭେଟି ଉକ୍ତ ବିଭାଗରେ କାର୍ଯ୍ୟରତ ଡିପ୍ଲୋମା ଇଂଜିନିୟରମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ଉକ୍ତ ବିଭାଗରେ ଥିବା ଆର.ଡବ୍ଲ୍ୟୁ.ପି.ଏଚ୍. ଉଇଙ୍ଗକୁ ଇତି ମଧ୍ୟରେ ଭାଙ୍ଗି ଦେବା ପାଇଁ ଚକ୍ରାନ୍ତ ଚାଲିଛି ଓ କିଛି ଉପରିସ୍ଥ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆଜି ଏହି ବିଭାଗଟି ତା'ର ଅସ୍ତିତ୍ୱ ହରାଇବାକୁ ଯାଉଥିବା କର୍ମକର୍ତ୍ତାମାନେ ମାନ୍ୟବର ମନ୍ତ୍ରୀଙ୍କର ଦୃଷ୍ଟିଆକର୍ଷଣ କରିଥିଲେ । ଏଠାରେ କନିଷ୍ଠ ଯନ୍ତ୍ରୀ ପଦବୀକୁ ପୂର୍ତ୍ତ ବିଭାଜନ ସହିତ ମିଶାଇବା ସହିତ ଜନସ୍ୱାସ୍ଥ୍ୟ ବିଭାଜନକୁ ଉଠାଇନେଇ ପୂର୍ତ୍ତମଣ୍ଡଳ ଓ ଯନ୍ତ୍ରୀ ମୁଖ୍ୟଙ୍କ କାର୍ଯ୍ୟାଳୟରେ ମିଶାଇ ଦିଆଯାଇଛି । ଏହାବ୍ୟତୀତ ସହକାରୀନିର୍ବାହୀ ଯନ୍ତ୍ରୀ ପଦବୀକୁ ନେଇ ପୂର୍ତ୍ତ ମଣ୍ଡଳରେ ମିଶାଯାଇଛି ଯାହାଦ୍ୱାରା ଓ.ପି.ଡବ୍ଲ୍ୟୁ.ଡି କୋଡ୍‌ର ଅବମାନନା ହେବା ସହିତ ପ୍ରଚଳିତ କାର୍ଯ୍ୟଧାରା ସଂପୂର୍ଣ୍ଣ ବ୍ୟାଘାତ ହେବାକୁ ଯାଉଥିବା କର୍ମକର୍ତ୍ତାମାନେ ଦର୍ଶାଇଥିଲେ । ଆହୁରି କାର୍ଯ୍ୟସ୍ଥଳରେ ସ୍ୱଚ୍ଛତା ଅବଲମ୍ବନ କରିବା ମଧ୍ୟ କଷ୍ଟକର ହେବ ବୋଲି ସେମାନେ ମାନ୍ୟବର ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସରକାରଙ୍କ ଦ୍ୱାରା ଅନୁସୃତ '୫ଟି' କାର୍ଯ୍ୟ ମଧ୍ୟ ବ୍ୟାହତ ହେବ ବୋଲି ଯୁକ୍ତି ରଖିଥିଲେ ।

ଏହା ବ୍ୟତୀତ ଏହି ବିଭାଗରେ କାର୍ଯ୍ୟରତ ୧୫୮ଜଣ ଠିକା ସିଭିଲ୍ କନିଷ୍ଠ ଯନ୍ତ୍ରୀମାନଙ୍କର ଚାକିରୀ ନିୟମିତକରଣରେ ଅହେତୁକ ବିଳମ୍ବ ହେଉଥିବାରୁ ସଦସ୍ୟମାନଙ୍କର ମନରେ କ୍ଷୋଭ ଓ ଅସନ୍ତୋଷ ଦୃଷ୍ଟି ହେଉଥିବା ଉଲ୍ଲେଖ କରିଥିଲେ । ଏ ସମସ୍ତ ବିଷୟରେ ବିହିତ ପଦକ୍ଷେପ ନେବା ପାଇଁ ମାନ୍ୟବର ମନ୍ତ୍ରୀଙ୍କ ଅଧକ୍ଷତାରେ ଉଭୟ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ଜନସ୍ୱାସ୍ଥ୍ୟ ସଚିବଙ୍କ ସହିତ ଏକ ମିଳିତ ବୈଠକ କରିବା ନିମିତ୍ତ କର୍ମକର୍ତ୍ତାମାନେ ଅନୁରୋଧ କରିଥିଲେ । ସମସ୍ତ ବିଷୟ ମାନ୍ୟବର ମନ୍ତ୍ରୀ ଧୈର୍ଯ୍ୟର ସହିତ ଶୁଣିବା ପରେ ତୁରନ୍ତ ଏକ ମିଳିତ ବୈଠକ ଡାକିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ସଂଘ ତରଫରୁ ମାନ୍ୟବର ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଥିଲା । ଏହି ମର୍ମରେ ସଂଘ ତରଫରୁ ମାନ୍ୟବର ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# "ଭାରତ ରତ୍ନ" ଇଂ. ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କର ୧୬୨ତମ ଜନ୍ମ ଜୟନ୍ତୀ ଓ ୫୫ତମ ଇଂଜିନିୟର ଦିବସ



ସେପ୍ଟେମ୍ବର ମାସ ୧୫ ତାରିଖ ଦିନଟି ସାରା ଦେଶରେ ଇଂଜିନିୟରମାନଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ । ଏହି ଦିନଟି ହେଉଛି ଭାରତରତ୍ନ ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କର ପୁଣ୍ୟ ଜନ୍ମତିଥି ଓ ଏହାକୁ ସାରା ଭାରତ ବର୍ଷର ଇଂଜିନିୟରମାନେ "ଇଂଜିନିୟର ଦିବସ" ଭାବରେ ପାଳନ କରିଥାନ୍ତି । ଇଂଜିନିୟର ବିଶ୍ୱେଶ୍ୱରାୟାଙ୍କ ଜନ୍ମ ୧୮୬୦ ମସିହା ସେପ୍ଟେମ୍ବର ମାସ ୧୫ତାରିଖରେ ତତ୍କାଳୀନ ମହୀଶୂର ରାଜ୍ୟର କୋଲାର ଜିଲ୍ଲା ଅନ୍ତର୍ଗତ ମୁଡେନହାଲୀ ଗ୍ରାମର ଏକ ଗରିବ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ । ତାଙ୍କର ପିତା ହେଉଛି ମୋକ୍ଷଗୁଣ୍ଡମ୍ ଶ୍ରୀନିବାସ୍ ଶାସ୍ତ୍ରୀ ଓ ମାତାଙ୍କ ନାମ ଭେଙ୍କଟଲକ୍ଷାମାମା । ତୁଳସୀ ଦୁଇପତ୍ରରୁ ବାସିଲା ପରି ଚିକିବାଲୁର୍‌ରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ସମୟରେ ହିଁ ତାଙ୍କର ମେଧା ଶକ୍ତିର ପରିଚୟ ମିଳିଥିଲା ।

ମାତ୍ର ୧୫ ବର୍ଷ ବୟସରେ ସେ ନିଜର ପିତାଙ୍କୁ ହରାଇଥିଲେ ସୁଦ୍ଧା ପାଠ ପଢାରେ ପଛାଇ ଯାଇନଥିଲେ । ଏପରିକି ଛୋଟ ପିଲାମାନଙ୍କୁ ଟ୍ୟୁସନ୍ କରି ସେହି ପଇସାରେ ପାଠପଢା ଜାରି ରଖିଥିଲେ ।

ବାଙ୍ଗାଲୋରର ମିଶନ୍ ହାଇସ୍କୁଲ୍‌ରେ ସେ ମାଧ୍ୟମିକ ଶିକ୍ଷା ସମାପନ କରିଥିଲେ । ତା'ପରେ ୧୮୭୬ ମସିହାରେ ମାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ତତ୍କାଳୀନସମଗ୍ର ମହୀଶୂର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ୧୮୮୦ ମସିହାରେ ସେ ମାନ୍ଦ୍ରାଜ୍ ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହିତ ସ୍ନାତକ ରୂପେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୮୮୧ ମସିହାରେ ସେ ପୁନାସ୍ଥିତ ବିଜ୍ଞାନ ମହାବିଦ୍ୟାଳୟରେ ଇଂଜିନିୟରିଂ ପାଠ୍ୟକ୍ରମରେ ଯୋଗଦେଇଥିଲେ । ୧୮୮୩ ମସିହାରେ ସେ ମୁମ୍ବାଇ ବା ତତ୍କାଳୀନ ବମ୍ବେ ବିଶ୍ୱବିଦ୍ୟାଳୟରୁ ଇଂଜିନିୟରିଂରେ ସ୍ନାତକଲାଭ କରିଥିଲେ ଓ ୧୮୮୪ ମସିହାରେ ବମ୍ବେ ପୂର୍ତ୍ତ ବିଭାଗରେ ଜଣେ ସହକାରୀ ଯନ୍ତ୍ରୀ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ଭାରତବର୍ଷର ଉନ୍ନତି ତାଙ୍କର ସଂକଳ୍ପ ଥିଲା । ସେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଦକ୍ଷ ଇଂଜିନିୟର ଥିଲେ । ତାଙ୍କର କର୍ମମୟ ଜୀବନକାଳ ମଧ୍ୟରେ ଭାରତର ଯେଉଁସବୁ ବୃହତ୍ ଇଂଜିନିୟରିଂ ଯୋଜନା କାର୍ଯ୍ୟକାରୀ ହୋଇଛି, ସବୁଥିରେ ବିଶ୍ୱେଶ୍ୱରାୟାଙ୍କର ଚିନ୍ତାଧାରା ବା ହାତର ସ୍ପର୍ଶ ଦେଖିବାକୁ ମିଳେ । ୧୮୯୪ ମସିହା ଶୁକର ବ୍ୟାରେଜର ସଫଳ ନିର୍ମାଣ ଓ ପରିସମାପ୍ତି କରି ସେ ତାଙ୍କ ଦକ୍ଷତାର ପ୍ରଥମ ପ୍ରମାଣ ଦେଇଥିଲେ । ୧୮୯୯ ମସିହାରେ ସେ ପୁନା ଜିଲ୍ଲା ଜଳସେଚନ ଦାୟିତ୍ୱରେ ରହି ଉଲ୍ଲେଖନୀୟ କାର୍ଯ୍ୟକରି ପଦୋନ୍ନତି ପାଇଥିଲେ । ୧୯୦୧-୧୯୦୩ ମସିହା ମଧ୍ୟରେ ଭାରତୀୟ ଜଳସେଚନ କମିଶନ୍‌ଙ୍କ ଆମନ୍ତ୍ରଣ କ୍ରମେ ଭାରତ ବର୍ଷର ସମସ୍ତ ପ୍ରଦେଶ ଗସ୍ତକରି ଜଳସେଚନ ସଂକ୍ରାନ୍ତରେ ଏକ ଚିଠା ପ୍ରସ୍ତାବ ସର୍ବପ୍ରଥମେ ତତ୍କାଳୀନ ଭାରତ ସରକାରଙ୍କୁ ପ୍ରଦାନ କରିଥିଲେ । ସମସ୍ତ ପ୍ରତିକୂଳ ପରିବେଶ ସତ୍ତ୍ୱେ ନିଜର ନିଷ୍କପଟ ହୃଦୟ, କର୍ତ୍ତବ୍ୟନିଷ୍ଠା ଓ ପ୍ରତିଭା ବଳରେ ସେ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଜୀର ନଦୀରୁ ଧୂଳିଆ ସହରକୁ ୩୫ ମାଇଲ୍ ବ୍ୟାପି ପାଇପ୍ ଜଳଯୋଗାଣର ବ୍ୟବସ୍ଥା କରିଥିଲେ ।

୧୯୦୮ ମସିହାରେ ସେ ହାଇଦ୍ରାବାଦ ଓ ସିକନ୍ଦରାବାଦ୍ ମଧ୍ୟରେ ମୁସି ନଦୀ ବନ୍ୟା ନିୟନ୍ତ୍ରଣ ଓ ସ୍ୱରେଜ୍ କାର୍ଯ୍ୟ କରାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ । ୧୯୦୯ ମସିହା ଅପ୍ରେଲ ୧୫ ତାରିଖ ଦିନ ସରକାରଙ୍କର ମୁଖ୍ୟ ପରାମର୍ଶଦାତା ଭାବେ ଫିଲଡ୍ ଷ୍ଟଡିକରିବା ସହିତ ସମସ୍ତ ଅଞ୍ଚଳର ବାସ୍ତବ ଅବସ୍ଥାକୁ ଅନୁଧ୍ୟାନ କରି ହାଇଦ୍ରାବାଦ ଓ ସିକନ୍ଦରାବାଦ ସହରରେ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ସଫଳତାର ସହିତ ସମାପ୍ତ କରିଥିଲେ । ସହି ୧୯୦୯ ମସିହା ନଭେମ୍ବର ମାସରେ ସେ ମହୀଶୂରର କାବେରୀ ନଦୀରେ କୃଷ୍ଣରାଜ ସାଗର ବନ୍ଧ ନିର୍ମାଣ କରି ବ୍ୟାପକ ଜଳସେଚନର ବ୍ୟବସ୍ଥା କରିଥିଲେ । ଏହା ଥିଲା ଦେଶର ପ୍ରଥମ ବହୁମୁଖୀ ନଦୀବନ୍ଧ ଯୋଜନା । ତାଙ୍କର କାର୍ଯ୍ୟଦକ୍ଷତା ଯୋଗୁଁ ୧୯୦୯ ମସିହାଠାରୁ ୧୯୧୨ ମସିହା ପର୍ଯ୍ୟନ୍ତ ମହୀଶୂରର ମୁଖ୍ୟମନ୍ତ୍ରୀ ଓ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟର ଦେୱାନ

ଭାବରେ ସେ ଅଧିଷ୍ଠିତ ହୋଇଥିଲେ । ତାଙ୍କରି ଚେଷ୍ଟାରେ ମହୀଶୂର ଏକ ଶିଳ୍ପାଞ୍ଚଳ ଓ ଉଦ୍ୟାନ ନଗରୀ ରୂପେ ସମଗ୍ର ଦେଶରେ ପରିଗଣିତ ହୋଇପାରିଥିଲା । ୧୯୨୩ ମସିହା ଜାନୁଆରୀ ୧୮ ତାରିଖରେ ମହୀଶୂର ଇସ୍ପାତ କାରଖାନା କାର୍ଯ୍ୟକ୍ଷମ ହେବା ଥିଲା ତାଙ୍କର ଅନ୍ୟ ଏକ ସଫଳତା, ଯାହାକି ପରବର୍ତ୍ତୀ ଅବସ୍ଥାରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଅଧିନରେ କାର୍ଯ୍ୟ କରୁଛି ।

ଓଡ଼ିଶାରେ ତାଙ୍କରି ପରାମର୍ଶରେ ତିକ୍ରୋଣଭୂମି ଅଞ୍ଚଳ ଗଠନ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ୧୯୩୭ ମସିହାରେ ମହାତ୍ମାଗାନ୍ଧୀଙ୍କ ପରାମର୍ଶକ୍ରମେ ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଓଡ଼ିଶାର ଭୟଙ୍କର ବନ୍ୟା ପରିଦର୍ଶନ କରି ବନ୍ୟା ନିୟନ୍ତ୍ରଣ ପାଇଁ ସେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ଯେଉଁ ପ୍ରସ୍ତାବ ଦେଇଥିଲେ, ତାହା ହୀରାକୁଦ ନଦୀବନ୍ଧ ଯୋଜନାରେ ରୂପାନ୍ତରିତ ହୋଇଥିଲା ଓ ଏହାର ସୁଫଳ ଆମେ ଓଡ଼ିଶାବାସୀ ଉପଭୋଗ କରୁଛୁ । ଟିକରପଡ଼ାଠାରେ ଦ୍ୱିତୀୟ ନଦୀବନ୍ଧ ଯୋଜନା କରିବାକୁ ସାର୍ ବିଶ୍ୱେଶ୍ୱରାୟା ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଇଂଜିନିୟର ଅଯୋଧ୍ୟାନାଥ ଖୋସ୍‌ଲାଙ୍କୁ ଏକ ପ୍ରସ୍ତାବ ଦେଇଥିଲେ । ଯୋଜନା ପ୍ରସ୍ତୁତ ହୋଇ ପ୍ରକଳ୍ପର ଶୀଳାନ୍ୟାସ କରିଥିଲେ ସେତେବେଳର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ । ଏହି ଯୋଜନାଟି କାର୍ଯ୍ୟକାରୀ ହୋଇଥିଲେ ଆମ ରାଜ୍ୟ ଆଉ ପାଦେ ଆଗକୁ ଯାଇଥାନ୍ତା, ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ସହିତ କୃଷି ଓ ବିଦ୍ୟୁତ୍ ଉତ୍ପାଦନରେ ଆହୁରି ସଫଳତା ପାଇପାରିଥାନ୍ତା, ହେଲେ ତାହା ଅଦ୍ୟାବଧି ଅସମାପ୍ତ ଅବସ୍ଥାରେ ରହିଛି ଓ ଆମେ ଆଜିର ଦିନରେ ତାର ଗୁରୁତ୍ୱକୁ ଉପଲବ୍ଧି କରୁଛେ ।

୧୯୪୧ ମସିହାରୁ ୧୯୫୮ ମସିହା ପର୍ଯ୍ୟନ୍ତ ବିଶ୍ୱେଶ୍ୱରାୟା ଥିଲେ ଅଲ ଇଣ୍ଡିଆ ମାନ୍ୟୁଫାକ୍ଚରସ୍ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଓ ୧୯୩୮ ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଅଧକ୍ଷ । ୧୯୨୭ ରୁ ୧୯୫୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୮ ବର୍ଷ ଧରି ଟାଟା ଇସ୍ପାତ କମ୍ପାନୀର ନିର୍ଦ୍ଦେଶକ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ । ୧୯୫୧ ମସିହାରେ ବିହାରରେ ଗଙ୍ଗାନଦୀ ଉପରେ ରେଳ ଧାରଣା ଓ ମୋଟର ରାସ୍ତା ନିର୍ମାଣ ଥିଲା ତାଙ୍କର କୃତିତ୍ୱର ଅନ୍ୟ ଏକ ମୂକ ସାକ୍ଷୀ । ଏତଦ୍‌ଭିନ୍ନ ମହୀଶୂର, ହାଇଦ୍ରାବଦ୍, ବାଙ୍ଗାଲୋର, ପୁନେ, ବରୋଦା, ରାଜକୋଟ୍ ଆଦି ସହର ଗୁଡ଼ିକରେ ପାନୀୟ ଜଳଯୋଗାଣ ଓ ମଳମୂତ୍ର ନିଷ୍କାସନ ଓ ପରିଚାଳନା ଇତ୍ୟାଦି ଅନେକ ଉଲ୍ଲେଖନୀୟ ଯୋଜନା ସାର୍. ବିଶ୍ୱେଶ୍ୱରାୟାଙ୍କ ଦ୍ୱାରା ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା । ସାର୍ ବିଶ୍ୱେଶ୍ୱରାୟା ଏକ ସ୍ୱୟଂଚାଳିତ ଗେଟ୍ ଉଦ୍‌ଭାବନ କରିଥିଲେ, ଯାହାକୁ ବିଶ୍ୱେଶ୍ୱରାୟା ଗେଟ୍ କୁହାଯାଏ । ଏହାର ବିଶେଷତ୍ୱ ହେଲା ନଦୀବନ୍ଧ ମାନଙ୍କର ଉଚ୍ଚତା ନ ବଢ଼ାଇ ଏହି ଗେଟ୍ ଖଞ୍ଜି ନଦୀ ବା ହ୍ରଦରେ ଅଧିକ ଜଳ ସଂଚୟ କରାଯାଇପାରିବ । ଇଂଜିନିୟରିଂ ବିଜ୍ଞାନକୁ ଏହି ମହାମନିଷୀଙ୍କର ଦାନ ଥିଲା ଅତୁଳନୀୟ । ଆଧୁନିକ ଭାରତରେ ଯେଉଁସବୁ କୀର୍ତିରାଜି ସୃଷ୍ଟି ହୋଇଛି ଓ ଯାହାସବୁ ଆମ ଆଗରେ ଆସେ ତାର ପ୍ରାଣ ପ୍ରତିଷ୍ଠାତା ହେଲେ ସାର୍. ଏମ୍. ବିଶ୍ୱେଶ୍ୱରାୟା । ତାଙ୍କର ଏହିଭଳି ଅଭୁତପୂର୍ବ କର୍ମସାଧନା ପାଇଁ ୧୯୫୫ ମସିହାରେ ସେ ଭାରାତ ବର୍ଷର ସର୍ବୋଚ୍ଚ ବେସାମରିକ ସମ୍ମାନ "ଭାରତରତ୍ନ"ରେ ଭୂଷିତ ହୋଇଥିଲେ ।

ସେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରର୍ସର ସମ୍ମାନିତ ଆଜୀବନ ସଦସ୍ୟ ଓ ଲଣ୍ଡନର ସିଭିଲ୍ ଇଂଜିନିୟରିଂ ଅନୁଷ୍ଠାନ, ଭାରତୀୟ ଓ ଲଣ୍ଡନ ଇଂଜିନିୟରିଂ ଅନୁଷ୍ଠାନ, ଭାରତୀୟ ବିଜ୍ଞାନ କଂଗ୍ରେସ ଓ ଭାରତୀୟ ଟାଉନ୍ ପ୍ଲାନ୍ ଅନୁଷ୍ଠାନର ସମ୍ମାନିତ ସଭ୍ୟରୂପେ ଦାୟିତ୍ୱ ବହନ କରିଥିଲେ । କେବଳ ଦେଶ ଭିତରେ ନୁହେଁ ଦକ୍ଷିଣ ୟେମେନ୍, ଇଜିପ୍ଟ, ପାକିସ୍ଥାନ, ଆଦି ବାହାର ଦେଶ ଦ୍ୱାରା ମଧ୍ୟ ସେ ଆମନ୍ତ୍ରିତ ହୋଇ ସେଠାରେ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ କରାଇଥିଲେ । ଭାରତର ଯୋଜନା ଓ ଅର୍ଥନୀତିକୁ ସମନ୍ୱୟ କରି ସାର୍ ବିଶ୍ୱେଶ୍ୱରାୟା ଏକ ଯୁଗାନ୍ତକାରୀ ପୁସ୍ତକ ରଚନା କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ଏହା ପଞ୍ଚବାର୍ଷିକ ଯୋଜନାରେ ରୂପାନ୍ତରିତ ହୋଇ ଦେଶବାସୀଙ୍କ ସେବାରେ ଲାଗିପାରିଥିଲା ।

ସାର୍ ବିଶ୍ୱେଶ୍ୱରାୟା ଏକାଧାରରେ ଜଣେ ଇଂଜିନିୟର, ମହାନ୍ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ ଓ ବିଶିଷ୍ଟ ଦାର୍ଶନିକ ଥିଲେ । ତାଙ୍କ ପ୍ରତିଭାରେ ମୁଗ୍ଧ ହୋଇ ତତ୍କାଳୀନ ବ୍ରିଟିଶ୍ ସରକାର ତାଙ୍କୁ 'ସାର୍' ଉପାଧିରେ ଭୂଷିତ କରିଥିଲେ । ସେହିଭଳି ଦେଶର ଅଗ୍ରଣୀ ୮ଟି ବିଶ୍ୱବିଦ୍ୟାଳୟ ମଧ୍ୟ ତାଙ୍କୁ ଏଲ୍.ଏଲ୍.ଡି., ଡି.ଲିଟ୍, ଡି.ଏସ୍.ସି. ଇତ୍ୟାଦି ସର୍ବୋଚ୍ଚ ଉପାଧିରେ ଭୂଷିତ କରିଥିଲେ । ସାର୍ ବିଶ୍ୱେଶ୍ୱରାୟା ଥିଲେ ଦେଶଭକ୍ତି ଓ ତ୍ୟାଗର ଏକ ଜ୍ୱଳନ୍ତ ଉଦାହରଣ । ସେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଦିନରାତି ଦେଶ ନିର୍ମାଣର ସ୍ୱପ୍ନ ଦେଖୁଥିଲେ । ହେଲେ ନିଜ ପାଇଁ ସେ ଘର ଖଣ୍ଡିଏ ମଧ୍ୟ ନିର୍ମାଣ କରିପାରିନଥିଲେ । ଅବସର ନେଲାପରେ ସେ ଏକ ଭଡ଼ାଘରେ

**ପୃଷ୍ଠା ୧୩ରେ ଅବଶିଷ୍ଟାଂଶ**

# ବାପା ଓ ମାଆ

**ଇଂ. ଗାୟତ୍ରୀ ବେହେରା**
**କନିଷ୍ଠ ଯନ୍ତ୍ରୀ, ଜାତୀୟ ରାଜପଥ, ଭୁବନେଶ୍ୱର**

ସମାଜ ବିଷୟରେ ଲେଖୁଛି ଦି ଧାଡ଼ି
କେହି ଦେହକୁ ଟାଣିବ ନାହିଁ
ଖରାପ ମତେ ଭାବିଲେ ଭାବିବ
ହେଲେ ଗାଳି ଦେବନାହିଁ
ପେଟ କାଟି ମା ଦେଇଥିଲା ଜନ୍ମ
କେତେ କଷ୍ଟ ଯନ୍ତ୍ରଣାକୁ ସହି
ନିଜ ପେଟ ପଛେ ପୁରୁ କି ନ ପୁରୁ
ଖାଦ୍ୟ ରଖେ ଆଗ ତା' ଛୁଆ ପାଇଁ
ମୁଣ୍ଡ ଝାଳ ତୁଣ୍ଡେ ମାରି ମାରି ବାପା
ପୁଅକୁ ପଢାଏ ପାଠ
ସେହି ପୁଅ ଆଜି ଗୋଟେ ଝିଅ ପାଇଁ
ବାପାକୁ ମାରିଲା ନାତ
ବାପା ମା କଥା ମନୁ ପାଶୋରି
ବାହା ହୁଏ ନିଜ ଚଏସ୍ କରି
ମାର୍କେଟ୍‌କୁ ଗଲେ ସ୍ତ୍ରୀକୁ ପଚାରେ
କଣ ଆଣିବି କୁହ ?
ହେଲେ ତା' ଆଖିରେ ଦେଖାଯାଏ ନାହିଁ
(ବୁଢ଼ା) ବାପା ମା ଆଖିର ଲୁହ
ବାର୍ଥଡେ ଆଉ ଆନିଭରସାରି
ହୋଟେଲରେ ପାଳେ ନିଜ ସ୍ତ୍ରୀକୁ ଧରି
ବୁଢା ବାପା ମା' କଣ ଖାଇବେ
ଦିଏ ସେ ମନୁ ପାଶୋରି
ପୁଅକୁ ଭଲ ପିନ୍ଧିବାକୁ ଦେଇ
ବାପା ନିଜେ ପିନ୍ଧେ ପୁରୁଣା
ମୁଣ୍ଡକୁ ହାତ ପାଇ ଗଲାପରେ
ଲାଗଇ ଘୃଣା ବାପା ପରିଚୟ ଦେବାକୁ
ଏମିତି କା ପୁଅ ଲକ୍ଷେ ଜନ୍ମ କଲେ
ସରି ହେବ ନାହିଁ ଗୋଟେ ଝିଅକୁ
ଟିକିଏ ଖବର ପାଇଗଲେ ଝିଅ
ଦଉଡି ଆସଇ ଘରକୁ ।
ପୁଅକୁ ଏପରି ନିନ୍ଦା କରି ମୁହିଁ
କାହିଁ ଧନ୍ୟ ମଣିବି ନିଜକୁ
ଅନୁରୋଧ ମୋର ସବୁ ଝିଅଙ୍କୁ
ବାପା ମା ସହ ଆପଣାଇ ନିଅ ଶାଶୁ ଶ୍ୱଶୁରଙ୍କୁ
ବୋହୂମାନେ ଯଦି ନିଜର କରିବେ
ନିଜ ନିଜର ଶାଶୁ ଶ୍ୱଶୁରମାନଙ୍କୁ
ଜରାଶ୍ରମ ଆଉ ଲୋଡ଼ା ହେବ ନାହିଁ
ଦୁନିଆରେ ବାପା ମାଆଙ୍କୁ ।

---

**(୧୨ ପୃଷ୍ଠାର ଅବଶିଷ୍ଟାଂଶ...)**

ରହୁଥିଲେ । ବାସ୍ତବିକ ସେ ଥିଲେ ଜଣେ ମହାମାନବ ଓ ତାଙ୍କର ବ୍ୟକ୍ତିତ୍ୱ ଥିଲା ଅସାଧାରଣ । ୧୦୧ ବର୍ଷ ନିରାମୟ ଜୀବନଯାପନ ପରେ ୧୯୬୨ ମସିହା, ଏପ୍ରିଲ୍ ୧୪ ତାରିଖ ଦିନ ଏହି ଶତାୟୁ ପୁରୁଷ, ବର୍ଷୀୟାନ୍ ଇଂଜିନିୟର ଓ ଶତାବ୍ଦୀ ସେବକ ମହାପ୍ରୟାଣ ଲଭିଲେ । ତାଙ୍କ କାର୍ଯ୍ୟାବଳୀ ପାଇଁ ସେ ଦେଶବାସୀଙ୍କ ନିକଟରେ ଚିର ନମସ୍ୟ । ବିଶ୍ୱେଶ୍ୱରାୟାଙ୍କର କୀର୍ତ୍ତିରାଜି ଅମ୍ଳାନ, ଆଧୁନିକ ଭାରତର ବିଶ୍ୱକର୍ମାଙ୍କ ପୁଣ୍ୟ ଜନ୍ମଦିବସ ସେପ୍ଟେମ୍ବର ୧୫ ତାରିଖକୁ ଦେଶବାସୀ ସମ୍ମାନ ଜଣାନ୍ତି "ଇଂଜିନିୟର ଦିବସ" ରୂପେ ପାଳନ କରି । ଏହା ୧୯୬୭ ମସିହା ସେପ୍ଟେମ୍ବର ୧୫ ତାରିଖଠାରୁ ପାଳିତ ହେଉଅଛି । ଏହି ଦିନ ଦେଶର କୋଣ ଅନୁକୋଣରେ ଥିବା ଇଂଜିନିୟରିଂ ସ୍କୁଲ୍, କଲେଜ, ପଲିଟେକ୍‌ନିକ୍, ଆଇ.ଟି.ଆଇ ଓ ସବୁ ବୈଷୟିକ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ କାର୍ଯ୍ୟରତ ଓ ଅବସରପ୍ରାପ୍ତ ସମସ୍ତ ଇଂଜିନିୟର ସାର. ଏମ୍. ବିଶ୍ୱେଶ୍ୱରାୟାଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଗୁଣଗାରିମା, କାର୍ଯ୍ୟଧାରା, ତ୍ୟାଗ ଓ ଦେଶଭକ୍ତିର ଆଲୋଚନା ଓ ପର୍ଯ୍ୟାଲୋଚନା କରନ୍ତି ଓ ଭାରତର ଏହି ବିଶ୍ୱକର୍ମାଙ୍କ ଉଦ୍ଦେଶ୍ୟରେ ନିଜର ଭକ୍ତିପୂତ ପ୍ରଣାମ ଜଣାନ୍ତି । ଆସନ୍ତୁ ଆଜିର ଏହି ପବିତ୍ର ଦିବସରେ ଆମେ ତ୍ୟାଗ, ଦେଶଭକ୍ତି ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଦେଶମାତୃକାର ଉନ୍ନତି ପାଇଁ କାର୍ଯ୍ୟକରି ସେହି ମହାନ୍ ଆତ୍ମାଙ୍କ ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା । ❑

**ଇଂ. ଶ୍ରୀଧର ବାରିକ**, ସାଧାରଣ ସମ୍ପାଦକ , ଓଡ଼ିଶା

# ଅନୁଭୂତିରେ 'ଜଗନ୍ନାଥ'

**ଇଂ. ଅରୁଣ ପ୍ରସାଦ ମହାନ୍ତି**
**କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ**

ଗତ କିଛିଦିନ ହେବ ରାତିର ତାପମାତ୍ରା ଅଧିକ ହେବାରୁ ଗୁଳୁଗୁଳିଟା ତା'ର ପ୍ରଭାବ ଜାରି ରଖିଥାଏ । ଯାହା ଫଳରେ ରାତିରେ ନିଦଭରା ଆଖିଟା ଛଟପଟ ହେଲେ ମଧ ସୁଖ ନିଦ ପଡ଼େନା, ସହରାଞ୍ଚଳ ଚୋରଙ୍କର ଭୟ, ତେଣୁ ବାଲ୍‌କୋନି କବାଟଟା ବନ୍ଦ ରଖିବାକୁ ପଡ଼େ, ରାତିର ସମୟ ଗଡ଼ି ଚାଲିବା ସହିତ ଘରର ତାପମାତ୍ରା ଟିକେ କମିଲା କମିଲା ଭଳିଲାଗେ, ରାତ୍ରି ପାହି ପାହି ହେଲାବେଳକୁ ବାଲ୍‌କୋନି କବାଟକୁ ଟିକେ ଦରଆଉଜା ରଖିବାକୁ ପଡ଼େ । ଦାଣ୍ଡଦୁଆରରେ ଥିବା ନଡ଼ିଆଗଛର ବାହୁଙ୍ଗା ଗୁଡ଼ିକ ହାଲ୍‌କା ଶୀତଳ ପବନରେ ଦୋହଲୁଥିବା ବେଳେ ପାହାନ୍ତିଆ ପବନଟା ଦରଆଉଜା କବାଟ ଫାଙ୍କାରେ ଆସି ତା'ର ଶୀତଳତାରେ ଆଖିର ପତାଗୁଡ଼ିକୁ ମା' ଯେପରି ତା କୁନି ପିଲାକୁ 'ଧୋ' ବାୟା ଗୀତ ଶୁଣାଇ ଥାପୁଡାଇ ଶୋଇଦେବାକୁ ଚେଷ୍ଟା କରେ, ସେହିପରି ମୁଦି ଦେବାକୁ ପ୍ରବର୍ତ୍ତାଏ କି ସତେ ? ପାହାନ୍ତିଆ ପବନର ସ୍ପର୍ଶରେ ଆଖିମୁଦି ହୋଇଯାଏ ଓ ସତେ ଯେପରି ଦେହରେ ଜୀବନ ନଥାଏ । ଶ୍ରୀମତୀ ଘରସାମ୍ନା ଟଗରଗଛରୁ କିଏ ଫୁଲ ନେଇଯିବ କାଳେ ରାତି ୪ଟାରୁ ଉଠି ତାଙ୍କ ନିତ୍ୟ କର୍ମସାରି ଧାଇଁଯାଆନ୍ତି ସେହି ମୁକ୍ତା ସଦୃଶ ଧଳା ଟଗରକୁ ସାଉଁଟିବା ପାଇଁ । ରାତି ଯେତେ ଯେତେ ପାହି ସକାଳ ହୁଏ ନିଦ ସେତିକି କବଳିତ କରେ ଶରୀରକୁ, ଯେହେତୁ ଆମେ ଗାଁ ଠାରୁ ଦୂରରେ ରହୁ କାଳେ କାହାଠାରୁ କିଛି ଜରୁରୀ ଖବର ମିଳିବ ତେଣୁ ମୋବାଇଲ୍ ଫୋନ୍‌ଟିକୁ ଶୋଇବା ଖଟର ପାଖରେ ସାଇତି ରଖିଥାଉ । ସକାଳୁ ସକାଳୁ ଫୋନ୍‌ଟିର ରିଂ ଟୋନ୍‌ରେ ନିଦୁଆ ଆଖିକୁ ମଳିମଳି ହାତରେ ଦରାଣ୍ଡି ଧରି କାନପାଖକୁ ନେଇ ହାଲୋ କହିଲା ବେଳକୁ ବଡ଼ସାର୍‌ଙ୍କ ସେହି ନରମ କଣ୍ଠର ମିଠାଭରା କଥା କେଇପଦ ଅସ୍ପଷ୍ଟ ହେଲେ ମଧ ନିଜକୁ ପ୍ରକୃତିସ୍ଥ କରି ଶୁଣିବାକୁ ଲାଗିଲି । ସାର କହିଲେ ଆଜି ଛୁଟିଦିନ, ପୁରୀରେ ରହୁଛ କି ସାଇଟ୍‌ଆଡ଼େ ଯିବ ? ନିଦୁଆ ଆଖିକୁ ମଳିମଳି ଫୋନ୍‌ରେ କହିଚାଲିଲି ନାହିଁ ସାର୍ ସେମିତି କିଛି ଯୋଜନା ନାହିଁ ସାଇଟ୍ ଯିବାପାଇଁ, ତେବେ ଭୁବନେଶ୍ୱରରୁ ଗେଷ୍ଟ ତାଙ୍କ ପରିବାର ସହ ଯିବେ । ନୂଆଲୋକ, ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମନବଳେଇଛନ୍ତି, ତାଙ୍କୁ ଠାକୁରଙ୍କୁ ଦର୍ଶନ କରାଇବାରେ ଯଥାସାହାଯ୍ୟ କରିବେ, ସତରେ ଜଗନ୍ନାଥଙ୍କ ଦର୍ଶନ କରିବାକୁ ଗେଷ୍ଟ ଆସିଲେ ବୁଲାଇବାକୁ ସାହାଯ୍ୟ କରିବା ପାଇଁ ମୋତେ କୁହାଗଲେ ସେଦିନ ମୋର ଗୋଡହାତ ତଳେ ଲାଗେନାହିଁ । ଦେହରେ ଖେଳିଯାଏ ଶୀହରଣ, ସାରଙ୍କ କଥାରେ ମୁଣ୍ଡଟାକୁ ଯୋର୍‌ରେ ହଲେଇ ଉଚ୍ଚ ସ୍ୱରରେ କହିଲି, ହଁ, ସାର୍, ଆପଣ ନିଶ୍ଚିତ ରୁହନ୍ତୁ । ଅତିଥିମାନେ ପୁରୀ ଆସିବା ସମୟ ମୋତେ ଦିନ ୧୧ଟା ଦିଆଗଲା । ଖଟରେ ଫୋନ୍ ରଖି ଯେତେ ଶୋଇବାକୁ ଚେଷ୍ଟାକଲି ଆଖିକୁ ନିଦ ଆସିଲା ନାହିଁ । ବାଧ ହୋଇ ଉଠି ନିଜର ନିତ୍ୟକର୍ମ ସାରି ପେପର ପଢା, ଗାଧୁଆ ପାଧୁଆ ସାରି ଜଳଖିଆ ପତ୍ର ଖାଇ ଅତିଥିଙ୍କ ଅପେକ୍ଷାରେ ରହିଲି, ମନକୁମନ ପଚାରୁଥାଏ ଅତିଥିମାନେ ଯେଉଁ ଗାଡ଼ିରେ ଆସିବେ ତା'ର ତ ପାସ୍ ନାହିଁ, ଗାଡି କେମିତି ରାଜନଅର ପାଖକୁ ଯିବ, ଘରୁ ଦଶଟା ବାଜିବା ଉତାରୁ ଝଟ୍‌ପଟ୍ ବାହାରି ପଡ଼ି ବଡ଼ଦାଣ୍ଡ ଆଡ଼େ ମଟରସାଇକେଲ୍‌ରେ ଘେରାଏ ବୁଲିଆସି ରାସ୍ତାଘାଟରେ ଆଜି ଗାଡ଼ିଘୋଡାର ଗତିବିଧିକୁ ନଜର କରିଦେଲି, ଦେଖିଲି, କୌଣସି ଗାଡ଼ିକୁ ଜଗନ୍ନାଥ ବଲ୍ଲଭ ପାର୍କିଂ ଟ୍ରାଫିକ୍ ଛକଠାରୁ ଟ୍ରାଫିକ୍ ପୋଲିସ୍ ଆଗକୁ ଛାଡ଼ିଦେଉନି, କହୁଛି ପାର୍କିରେ ଗାଡି ରଖିବାକୁ । ଭଲ କଥା ହେଲା, ଅତିଥିମାନେ ରାଜନଅର ପର୍ଯ୍ୟନ୍ତ ଯିବେ କେମିତି ? ମନେ ମନେ ଚିନ୍ତାକଲି ଅତିଥିମାନେ ଆସନ୍ତୁ, ଦେଖିବା, ସେମାନେ ସିନିଅର ସିଟିଜେନ୍ କି ବୟସ କମ୍, ଯଦି ବୟସ କମ୍ ହୋଇଥିବ ତେବେ ଅଟୋରେ ରାଜନଅର ପାଖକୁ ନେଇଯିବା, କିନ୍ତୁ ପୁଣି ଆଉଥରେ ଯାଇ ପାର୍କି ଛକଠାରୁ ରାଜନଅର ରାସ୍ତାରେ ଦେଖିଲାବେଳକୁ ଅଟୋ ମଧ ପାର୍କିଂ ଛକରୁ ରାଜନଅର ଆଡକୁ ଛାଡୁନାହିଁ, ମନଟିକେ ଭଲ ଲାଗୁ ନଥାଏ ସେପଟେ ଅତିଥିମାନଙ୍କର ପୁରୀ ପହଞ୍ଚିବା ସମୟ ପାଖାପାଖି । ସତେ ଯେପରି ମୋ କାନରେ କିଏ କହୁଥାଏ, ଆରେ ଥରେ ଟ୍ରାଫିକ୍‌ରେ ଯାଇ ଦେଖାକରି କୁହ, ନିଶ୍ଚୟ ଗାଡ଼ିକୁ ପାସ୍ ମିଳିଯିବ, ଯିବି ନ ଯିବି ଦୋଛକିରେ ଠିଆ ହୋଇଥାଏ ମନକୁ ଦୃଢ କରି ଟ୍ରାଫିକ୍ ଆଡ଼େ

ଚାଲିଲି ଓ ମୋର ସମସ୍ୟା ବିଷୟରେ ଅବଗତ କଲି, କିନ୍ତୁ କେହି ରାଜି ହେଲେନାହିଁ ଗାଡ଼ିଟିକୁ ପାସ୍ ଦେବା ପାଇଁ । ସମୟ ହେଲା ଅତିଥିମାନେ ଆସି ପହଞ୍ଚିଲେ । ଗାଡ଼ିରୁ ଗୋଟି ଗୋଟି ହୋଇ ବଡ଼ଦାଣ୍ଡରେ ଓହ୍ଲାଇଲେ, କିନ୍ତୁ ମୁଁ ଦେଖୁଥାଏ ଗାଡ଼ିର ମଝି ସିଟ୍‌ରୁ ଜଣେ କେହି ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି । ଯେତେବେଳେ ସେ ଓହ୍ଲାଇ ପଡ଼ିଲେ ଓ ଆଶାବାଡି ଦିଆଗଲା ଚାଲିବା ପାଇଁ, ମୋର ମନ ଅସ୍ତବ୍ୟସ୍ତ ହେବାକୁ ଲାଗିଲା, ଏପରି ଅବସ୍ଥାରେ ଅତିଥିମାନଙ୍କୁ ଠାକୁର ଦର୍ଶନ କେମିତି କରାଇବି ?

ଏ ତ ବାଇଶି ପାହାଚରେ ଯାଇପାରିବେ ନାହିଁ, ତାଙ୍କୁ ସାତ ପାହାଚ ଚଢ଼ାଇ ଦିଅଁଙ୍କୁ କିପରି ଦର୍ଶନ କରାଇବି ? ପ୍ରଭୁ ଜଗନ୍ନାଥଙ୍କୁ  ମନେମନେ ଜଣାଇଲି, ପ୍ରଭୁ ମୋତେ ସାହାଯ୍ୟ ତଥା ଅତିଥିମାନଙ୍କୁ ସାହାଯ୍ୟ କର ଯେପରି ଆପଣଙ୍କ ଦର୍ଶନ ସୁରୁଖୁରୁରେ ଶେଷ ହେବ, ଅତିଥିମାନେ - ଜଣେ ସାର୍ ତାଙ୍କ ମ୍ୟାଡମ୍ (ଯାହାଙ୍କର ଶରୀର ଅସୁସ୍ଥ) ପୁଅଟିଏ, ଝିଅଟିଏ ଓ ମ୍ୟାଡମ୍‌ଙ୍କର 'ମା', ଏହି ସମୟରେ ମ୍ୟାଡାମ୍ କହିଲେ "ମୁଁ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିପାରିବି ନାହିଁ, ଏହାଶୁଣି ଝିଅଟି କହିଲା ମୁଁ କଲେଜ ଛାଡି କେବଳ ତୁମ ପାଇଁ (ମାନେ ମା'ଙ୍କ ପାଇଁ) ଆସିଛି, ତୁମେ ନ ଦେଖିଲେ ମୁଁ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିବି ନାହିଁ । ଯାହେଉ ଏଭଳି ମାନ ଅଭିମାନ ମଧ୍ୟରେ ମୁଁ ଅତିଥିମାନଙ୍କୁ ନେଇ ଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ଖୋଲାଯାଇଥିବା ଜୋତା ଷ୍ଟାଣ୍ଡ ନିକଟରେ ପହଞ୍ଚାଇଲି ଓ ଜୋତା ଫୋନ୍ ଇତ୍ୟାଦି ଷ୍ଟାଣ୍ଡରେ ରଖି ମହାପ୍ରଭୁଙ୍କ ଦର୍ଶନ ଅଭିମୁଖେ ବାହାରି ପଡ଼ିଲୁ । ମନରେ ବଳ ଆସୁନଥାଏ, ଏ ତ ବଡ଼ ଅଡୁଆ କଥା ହେଲା, ଏଭଳି ଶରୀର ଅସୁସ୍ଥ ଥିବା ମ୍ୟାଡାମ୍‌ଙ୍କ ମୁଁ କିଭଳି ଆଜି ଜଗନ୍ନାଥଙ୍କୁ ଦର୍ଶନ କରାଇବି । ମନ ଭିତରଟା ଅଜଣା ଭାବନାରେ ଖାଲି ଗୋଳେଇ ଘାଣ୍ଟି ହେଉଥାଏ । ଏହି ସମୟରେ ମୋର ମନ୍ଦିରର ଏକ ପରିଚିତ ବ୍ୟକ୍ତି ଦେଖାହେଲେ, ତାଙ୍କର ସହାୟତା ନେଲି, ସେ ରାଜି ହେଲେ । ଅତିଥିମାନଙ୍କୁ ମୁଁ ଓ ମୋର ସହକର୍ମୀ ଭାଇ ଜଣଙ୍କ ସାହାଯ୍ୟରେ ଆଗକୁ ବଢାଇଲି, ସିଂହଦ୍ୱାର ପାଖରେ ପହଞ୍ଚିଲା ବେଳକୁ କାଫି ସମୟ ଲାଗିଲା ।

ଏବେ ପୁଣି ଚିନ୍ତା ବଢ଼ିଗଲା, ମ୍ୟାଡମ୍ କିପରି ବାଇଶି ପାହାଚ ଅତିକ୍ରମ କରିବେ, ଯା'ହେଉ ମ୍ୟାଡାମ୍ ଧିରେ ଧିରେ ବାଇଶି ପାହାଚ ଚଢିବା ଆରମ୍ଭ କଲେ । ପାହାଚ ଚଢିବା ମାତ୍ରେ ଗୋଡ ଟେକିଲା ବେଳକୁ ଝିଅଟି ତାଙ୍କର ପାଦଟିକୁ ଧରି ଆସ୍ତେ ଆସେ ଉଠାଏ । ଯା' ହେଉ ମ୍ୟାଡାମ୍‌ଙ୍କୁ ସପରିବାରେ ସାତ ପାହାଚ ବାଟେ ନେବିକି ଘଣ୍ଟିଦ୍ୱାର ବାଟେ ନେବି ମୋର ଭାଳେଣି ପଡ଼ିଥାଏ, ଏତିକି ବେଳକୁ ନଜର କଲାବେଳକୁ ଭୋଗ ଆସି ଭୋଗ ମଣ୍ଡପରେ ଥୁଆ ହେବାକୁ ଲାଗିଲାଣି, ଘଣ୍ଟଦ୍ୱାର ବାଟେ (ଗଡ଼ାଣିଆ ପାହାଚରେ ନେଇ) ମନ୍ଦିର ମଧ୍ୟକୁ ପ୍ରବେଶ କରାଇଲି । ଏତକି ବେଳକୁ ମନ୍ଦିର ଜେଟିପି ଓ ନନାମାନେ ଭକ୍ତମାନଙ୍କୁ ଶୀଘ୍ର ଶୀଘ୍ର ଦର୍ଶନ କରି ଯିବାକୁ ବାରମ୍ବାର କହୁଥାନ୍ତି, କାରଣ ଭୋଗମଣ୍ଡପର ଦ୍ୱାର (ଗରୁଡ ପଛପଟ ଦ୍ୱାର) ଖୋଲା ସରିଲାଣି, ଭଗବାନଙ୍କ ସାମ୍ନାରେ ଯେପରି ଭୋଗ ଦେଖାଯିବ, ବାହାର କାଠର ଭିଡ଼ଦେଖି ଭାବିଲି ପ୍ରଭୁ ଏତେ କଷ୍ଟ କରି ପାହାଚ ଚଢେଇ ଆଣିଛି, ଯେପରି ମ୍ୟାଡମ୍ ଶ୍ରୀମୁଖ ଦର୍ଶନରୁ ବଞ୍ଚିତ ହେବେନାହିଁ, ମୋର ମନ ଭିତରଟା ଖାଲି ଆଉଟ୍‌ପାଉଟ୍ ହେଉଥାଏ । ଏହି ସମୟରେ ଜେଟିପି (ମନ୍ଦିରପୁଲିସ୍) ଭକ୍ତମାନଙ୍କୁ ଦୁଇପାଖକୁ ଖାଲି କରିବାକୁ ଲାଗିଲେ । ଯେପରି ଭୋଗ ଠାକୁରଙ୍କ ସାମ୍ନାରେ ଭୋଗମଣ୍ଡପରୁ ଦୃଶ୍ୟମାନ ହେବ, ମ୍ୟାଡାମ୍ ଶରୀର ଅସୁସ୍ଥ ଥାଇ ମଧ୍ୟ ଶ୍ରୀଜୀଉଙ୍କୁ ଏତେ ସୁନ୍ଦର ଦର୍ଶନ କଲେ, ମୋର ତିନି ବର୍ଷ ରହଣି ମଧ୍ୟରେ ବାହାର କାଠରୁ ଏଭଳି ଦର୍ଶନ ମୋ ଭାଗ୍ୟରେ ଜୁଟିନଥିଲା, ଆଖିରେ ମୋର ଆଖିଏ ଲୁହ । ସେହି କଳାକଳା ଚକାଡୋଳାର ଦୃଷ୍ଟିରେ ନିଜକୁ କିଛି ସମୟ ପାଇଁ ହଜାଇଦେଲି ଓ ମନେମନେ କହିଲି, ପ୍ରଭୁ ତୁମ ଲୀଳା ତୁମକୁ ଅଗୋଚର, ପୁନର୍ବାର ମ୍ୟାଡମ୍‌ଙ୍କୁ ପରିବାର ସହ ଘଣ୍ଟି ଦ୍ୱାରବାଟେ ବାହାରକୁ ପ୍ରସ୍ଥାନ କରାଇଲି । ପଚାରିଲି ମ୍ୟାଡମ୍ ଭଗବାନଙ୍କ ଦର୍ଶନ କରିପାରିଲେ ତ ? ମ୍ୟାଡାମ୍ କୃତ୍ୟକୃତ୍ୟ ହୋଇ ପ୍ରଭୁଙ୍କୁ ଲୀଳାମୟ ବୋଲି ବଖାଣିଲେ ଓ ତାଙ୍କର ପ୍ରଫୁଲ୍ଲତାରୁ ଜଣାପଡୁଥିଲା କିଭଳି ଭାବରେ ମନକୁ ଦୃଢ କଲେ ଭଗବାନଙ୍କର ସାନିଧ ଲାଭ କରାଯାଏ । ଏତେ ଅସୁସ୍ଥତା ମଧ୍ୟରେ ଭଗବାନଙ୍କର ଦର୍ଶନଲାଭ କରିଛନ୍ତି ସେଥିପାଇଁ ମ୍ୟାଡାମ୍ ତଥା ପରିବାରର ସମସ୍ତ ସଦସ୍ୟ ଭଗବାନଙ୍କର ଚରଣରେ ନିଜକୁ ଚୀରକୃତଜ୍ଞ ମଣିଲେ, ସେଦିନର ଅନୁଭୂତି ମୋ ଜୀବନର ଶ୍ରେଷ୍ଠ ଅନୁଭୂତି, ସତରେ ପ୍ରଭୁ ଜଗନ୍ନାଥ ଲୀଳାମୟ ।

॥ ଜୟ ଜଗନ୍ନାଥ ॥ ❑

# ବନ୍ଧୁମିଳନ

**ଇଂ. ସୌରାଂଶୁ ପଟ୍ଟନାୟକ**

ରାତି ଏଗାରଟା ପାଖାପାଖି, ମୁଁ ଯେତେବେଳେ ଛୋଟେଇ ଛୋଟେଇ ଘରକୁ ଫେରିଲି, ବୋଉ ମୋ ଦେହ ଗୋଟାକୁ ସାଉଁଟି ପକେଇଲା । ଆଉ ନିଶ୍ଚିତ କରିଦେଲା ଯେ, ମୁଁ କେଉଁଠାରେ ଉତ୍ତମ ମଧ୍ୟମ ଚର୍ଚ୍ଚା ହୋଇ ଘରକୁ ଫେରିଛି । ଗାଲ, ଓଠ ତ ଫୁଲିଥିଲା, ପିଠିରେ ଏମିତି ଆଘାତ ଥିଲା ଯେ ସାର୍ଟଟା ଛିଣ୍ଡି ଯାଇଥିଲା । ଗୋଡର ଅବସ୍ଥା ମଧ୍ୟ କିଛି କମ୍ ନଥିଲା । ମୋ ମୁହଁକୁ ଆଉଁସି ଆଉଁସି ବୋଉ କହିଲା – "ମୁଁ ତତେ କେତେଥର ମନା କରିଛି କହିଲୁ ? ସେ ଓଥରା ବାତେରା ଟୋକାଙ୍କ ସାଙ୍ଗରେ ପଡ଼େନା । ହେଲେ ତୁ' କ'ଣ ମୋ କଥା ମାନିଲୁ ? ଆଜି ତୁ କି ଅବସ୍ଥା ହେଇ ଫେରିଛୁ କହିଲୁ । ପ୍ରାଣଟା ଯାହା ରହିଯାଇଛି ଟିଭି ଖବର କାଗଜ ଏଇ ନିତି ଦେଖୁଛି ତୋରି ବୟସର ପିଲା ଏମିତି ଚୋରି ଡକାୟତି କାମରେ ମାତିଛନ୍ତି । ତୁ ଗୁଡାଏ ରାତି ଘରେ ନ ଖାଇ ବାହାରେ ଖାଇ ଡେରି ରାତିରେ ଘରକୁ ଫେରୁଛୁ । ଆଜି ଫେରିଲା ବେଳୁ ମୁଁ ଅନୁମାନ ଲଗେଇ ସାରିଥିଲି କ'ଣ ଗୋଟେ ଅଘଟଣ ଘଟିଛି । ମୋ ଆକଟ ତ ତତେ କାଟୁ କଲାନି ମୁଁ କରିବି କ'ଣ ! ହେଲେ.."

ବୋଉର ଭାଷଣ ପର୍ବ ଚାଲୁ ରହିଥିଲା । ମୁଁ ସେ ଭିତରେ କଷ୍ଟେମଷ୍ଟେ ଦେହରୁ ଛିଣ୍ଡା ପ୍ୟାଣ୍ଟସାର୍ଟ ଉତାରି ସାରିଥିଲି । ବୋଉର ମୁଣ୍ଡ ଉପରେ ଦରଜ ଓଜନିଆ ହାତଟାକୁ ଲଦି କହିଲି – ତୋ ମୁଣ୍ଡ ଛୁଇଁ କହୁଛି ଲୋ ବୋଉ ମୁଁ ସାଙ୍ଗ ସାଥିରେ ମିଶେ । ହେଲେ ଚୋରି, ଡକାୟତି ଧନ୍ଦାରେ କେବେ ନଥିଲି ।

ବୋଉ ମୋ କଥାରେ ପରଦା ଟାଣି ଦେଲା, 'ଆଉ ମିଛରେ କ'ଣ ତୋର ଏ ଅବସ୍ଥା ହୋଇଛି ? ଗାଡ଼ି ମଟର ନେଇତ ଯାଇ ନଥିଲୁ ଯେ କୋଉଠି ଦୁର୍ଘଟଣା ଘଟିଥିବ । ଯଦି ସାଙ୍ଗ ସାଥିରେ ଗାଡ଼ି ନେଇ ଯାଇଥିବୁ କେଜାଣି....

– ମୁଁ କହିଲି ପରା ଏ ଫାଲତୁ ଧନ୍ଦାରେ ମୁଁ ନଥିଲି । ତୁ ଗରମ ପାଣି ଟିକେ କଲୁ । ତୁ ଗରମ ସେକ ଟିକେ ଦେଲେ ଦରଜ ଛାଡିବ ତା'ପରେ ମୁଁ ସବୁ ସତ କହିବି ।

ବୋଉ ସହଳ ସହଳ ପାଣି ଗରମ କରି ଗୋଟେ ଗାମୁଛା ବୁଡାଇ ମୋ ଦେହରେ ସେକ ଦେବା ଆରମ୍ଭ କଲା; ଆଉ ମୁଁ ମୋ କଥା ଆରମ୍ଭ କଲି । ବାକ୍ୟରେ ପୂର୍ଣ୍ଣଚ୍ଛେଦ, କମା ରହିଲା ଭଳି ମୋ ପାଟିରୁ କଥା ମଝିରେ ଓଃ, ଆହାଃର ବିରମ ଉକୁଟି ଆସୁଥାଏ ।

ବୋଉ ! ବୋଉ !! ତୁ ତ ଜାଣୁ ପିଲାବେଳୁ ମୁଁ ଆଇଁଷ ରଙ୍କୁଣା । ମାଛ, ମାଂସ ନ ହେଲେ ବି ଶୁଖୁଆ ଟିକେ ଦରକାର ମୋ ଭାତ ସାଙ୍ଗରେ । ସେଇଥିପାଇଁ ଆମେ ତିନି ଚାରିଜଣ ସାଙ୍ଗ ଏଇ ସହର ଭିତରେ ଥିବା ମଣ୍ଡପ ହୋଟେଲ୍ ଦେଖି ବରଯାତ୍ରୀ ମେଳରେ ପଶିଯାଉ । ଆଜିକାଲି ଯୁଗରେ ଲୋକେ ପଡ଼ିଶା ଘର ଲୋକକୁ ଚିହ୍ନି ଜାଣି ପାରୁନାହାଁନ୍ତି ଆଉ ଆମକୁ ଠଉରେଇବେ କ'ଣ ? ବ୍ୟାଣ୍ଡ ପାର୍ଟି କି ଡିଜେ ସାଉଣ୍ଡରେ ନାଚି ନାଚି ଯାଉ । ସ୍ୱାସ୍ଥ୍ୟ ରକ୍ଷା ପାଇଁ ଆମର ବ୍ୟାୟାମ୍ ହେଇଯାଏ ବରଯାତ୍ରୀ ଗହଣରେ । ଆମେ ଆପଣା ଲୋକଭଳି ଭଲ ଚର୍ଚ୍ଚା ପାଉ । ଭଲକରି ଆକଣ୍ଠ ନାଦି ଘରକୁ ଫେରୁ । ତୁ ତ ଜାଣିଥିବୁ ଗୁଡାଏ ଥର ତା' ପରଦିନ ବି ମୁଁ ଆଉ ସକାଳ ବେଳା ଖାଏନି ।

ଆମ ଭିତରୁ ଗୋଟାଏ ସାଙ୍ଗ ମଣ୍ଡପ ସବୁ ଆଗତୁରା ବୁଲି କେଉଁଠି ଭଲ ରୋଷେଇ ବାସ୍ନା ହେଉଛି ସନ୍ଧାନ ନେଇଥାଏ । ଆମେ ସେଇ ପାଖାପାଖି ଏକାଠି ହେଇଯାଉ । ବିନା କିଛି ଖର୍ଚ୍ଚରେ ଆମ କାମ ଫତେ ।

ଦୀର୍ଘ ଶ୍ୱାସ ନେଇ କହିଲି ଆଜି ଦୁର୍ଯୋଗଟା କୋଉଠି ଛକି ବସିଥିଲା କେଜାଣି ଆମକୁ ଏମିତି ଦଶା ଭୋଗିବାକୁ ପଡ଼ିଲା । ସାଙ୍ଗ ନଟୁଟା କିଛି ନ ବୁଝି ନଶୁଝି ଖବର ଦେଲା ଭଲ ଭୋଜି ବାସ୍ନା ଗୋଟାଏ ଆସୁଛି ଚହଟା ଗଳିରେ । ସେ ଅନ୍ୟ କାମରେ ଯାଇ ଫେରିବା ବାଟରେ ତା ନାକକୁ ଆୟତ୍ତ କରି ଫେରିଲା ବେଳକୁ ରାତି ସାଢେ ଆଠଟା । ମୁଁ ଘରେ ଖାଇବିନି କହି ମାରିଲି ଛୁ' । ସେ ଜାଗାରେ ପହଞ୍ଚି ଦେଖିଲା ବେଳକୁ ବହୁତ ଲୋକ ଚାନ୍ଦୁଆ ତଳେ ଚଉକିରେ ବସିଯାଇଥିଲେ । ଆମେ ମଧ୍ୟ ଯାଇ ବସିଗଲୁ ପଛ ପାଖିଆ । କୁହାକୁହି ହେଲୁ' ଯାହେଉ ଭୋଜି ପର୍ବ ଆରମ୍ଭ ହୋଇନି, ଜମାଣିଆ ମାଉଁସ ବାସ୍ନା ।

ଜଣେ ଭଦ୍ରବ୍ୟକ୍ତି (ଅବଶ୍ୟ ପରେ ଜାଣିଲୁ ଅଭଦ୍ର, ପୋଡାମୁହାଁ) ସାମନାକୁ ଆସି ଘୋଷଣା କଲେ, ଯେଉଁମାନେ ବରପକ୍ଷରୁ ଆସିଛନ୍ତି ଦୟାକରି ସେମାନେ ପ୍ରଥମେ ଭିତରକୁ ଯାଆନ୍ତୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆମ ପାଞ୍ଚଜଣଙ୍କୁ ମିଶାଇ ପ୍ରାୟ ୨୫/୩୦ଜଣ ଭିତରକୁ ଗଲୁ । ଗଲାବେଳେ ମନେ

**(ଅବଶିଷ୍ଟାଂଶ ପୃଷ୍ଠା-୨୫ରେ)**

# ନବରଙ୍ଗପୁରର ହିର୍ଲି ଡଙ୍ଗର ପାର୍କ

ଇଂ. ସୌମ୍ୟରଞ୍ଜନ ପଣ୍ଡା
ପାପଡାହାଣ୍ଡି, ନବରଙ୍ଗପୁର, ମୋ-୭୦୦୮୪୩୮୪୭୪

ଭାରାକ୍ରାନ୍ତ ମନକୁ ହାଲ୍‌କା କରିବା ପାଇଁ ସବୁଠୁ ଭଲ ହେଉଛି ପ୍ରାକୃତିକ ପରିବେଶରେ କିଛିକ୍ଷଣ ବୁଲିବା ଓ ପ୍ରକୃତିର ସବୁଜିମାକୁ ଅନୁଭବ କରିବା।

ବଣ, ପାହାଡ ଘେରା ନବରଙ୍ଗପୁର ଜିଲ୍ଲା ଯେଉଁଠି ପ୍ରକୃତି ତା'ର ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟଟକମାନଙ୍କୁ କାହିଁ କେତେ ଦୂରରୁ ଟାଣିଆଣୁଛି । ଏଠାକାର ଆଦିବାସୀମାନଙ୍କ ସରଳ ବ୍ୟବହାର ପର୍ଯ୍ୟଟକମାନଙ୍କ ମନରେ ଏକ ଛାପ ଛାଡ଼ି ଦେଉଛି । ନବରଙ୍ଗପୁର ଜିଲ୍ଲାରେ ଥିବା ହିଲ୍ଲିଡଙ୍ଗର ପାର୍କ ସତରେ ଦେଖଣାହାରିମାନଙ୍କୁ ସତେ ଯେମିତି ବାନ୍ଧି ରଖିଛି ।

ହିର୍ଲିର ଦୂରତା ନବରଙ୍ଗପୁର ସହରଠାରୁ ପାଖାପାଖି ୪ କି.ମି. ଏହି ହିର୍ଲି ଗ୍ରାମର ଜନସଂଖ୍ୟା ୨୪୫୦ ରୁ ଅଧିକ । ସ୍ଥାନୀୟ ଅଞ୍ଚଳର ଭାଷା ଓଡ଼ିଆ ହୋଇଥିଲା ବେଳେ କିଛି ଲୋକ ହିନ୍ଦି ଭାଷା ମଧ୍ୟ କହିଥାନ୍ତି । ହିର୍ଲିଠାରୁ ପାଖାପାଖି ୮୦ କି.ମି. ଦୂର ପଶ୍ଚିମକୁ ଗଲେ ଛତିଶଗଡ଼ ରାଜ୍ୟ ପଡ଼ିଥାଏ । ଏଥିପାଇଁ ଏହି ରାଜ୍ୟର ଲୋକମାନେ ଏହି ହିର୍ଲି ପାର୍କକୁ ମଧ୍ୟ ଆସିଥାନ୍ତି ।

ହିର୍ଲି ଡୋଙ୍ଗରୀ ସ୍ଥାନଟି ପାହାଡ଼ର ଶୀର୍ଷରେ ଅବସ୍ଥିତ । ଶୁଣାଯାଏ ଏହିଠାରେ ଭଗବାନ ବାଲାଜୀଙ୍କ ଏକ ପ୍ରାଚୀନ ପ୍ରତିମୂର୍ତ୍ତି ମିଳିଥିଲା ଏବଂ ବର୍ତ୍ତମାନ ଏହାକୁ ସ୍ଥାନୀୟ ଲୋକେ ପୂଜା କରୁଛନ୍ତି । ହିର୍ଲି ଡୋଙ୍ଗରୀର ପ୍ରମୁଖ ଆକର୍ଷଣ ହେଉଛି ୱାଚ୍ ଟାୱାର, ଶିଶୁ ପାର୍କ ଓ ଜିମ୍ । ୱାଚ୍ ଟାୱାର ମଧ୍ୟରୁ ସହରର ଆଂଶିକ ଦୃଶ୍ୟ ସତରେ ବେଶ୍ ମନ ମୁଗ୍ଧକର ଅଟେ । ଏହି ସ୍ଥାନ ପରିଦର୍ଶନ କରିବାରେ ସର୍ବୋତ୍ତମ ସମୟ ହେଉଛି ସକାଳ କିମ୍ବା ସୂର୍ଯ୍ୟାସ୍ତ ସମୟ । ପର୍ଯ୍ୟଟକମାନଙ୍କ ପାଇଁ ହିର୍ଲି ଡୋଙ୍ଗରୀ ଅନ୍ୟତମ ପ୍ରସିଦ୍ଧ ଏବଂ ଆକର୍ଷଣୀୟ ପିକ୍‌ନିକ୍ ସ୍ଥାନ ।

ସାଙ୍ଗରେ ଛୋଟ ପିଲାମାନଙ୍କୁ ଆଣୁଥିଲେ ସେମାନେ ଶିଶୁ ପାର୍କର ମଜା ମଧ୍ୟ ନେଇପାରିବେ । ଶୀତ ସମୟରେ ବଣଭୋଜିର ମଜା କିଛି ଅଲଗା ଅଟେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପାର୍କର ରକ୍ଷଣା ବେକ୍ଷଣ କାର୍ଯ୍ୟ ମଧ୍ୟ ଜାରି ରହିଛି । ପାର୍କ ପ୍ରବେଶ ପାଇଁ ୨୦ ଟଙ୍କାର ଟିକେଟ୍ ରଖାଯାଇଛି ।

ବିଶେଷକରି ସକାଳ ଓ ସନ୍ଧ୍ୟା ସମୟରେ ପର୍ଯ୍ୟଟକମାନଙ୍କ ଗହଳି ବେଶି ଦେଖିବାକୁ ମିଳେ । କାରଣ ପାହାଡ଼ ଫାଙ୍କରୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ବେଶ୍ ଚିତ୍ତାକର୍ଷକ ଲାଗେ ।

**ସର୍ବୋଷ୍ଟ, ପରିଭ୍ରମଣ ସମୟ** - ପାହାଡ଼ ଭ୍ରମଣରେ ରୁଚି ରଖୁଥିବା ପର୍ଯ୍ୟକମାନେ ସବୁ ସମୟରେ ଏଠାକୁ ଆସିପାରିବେ । ଶୀତଦିନେ ଏଠାରେ ବେଶୀ ଶୀତ ଅନୁଭୂତ ହୋଇଥାଏ । ବର୍ଷାଦିନେ ଆସିଲେ ମଧ୍ୟ କୌଣସି ଅସୁବିଧା ନଥାଏ ।

**ଭ୍ରମଣ ସମୟ ଓ ଫି** - ସକାଳ ୮ ଘଣ୍ଟା ଠାରୁ ରାତ୍ର ୮ ଘଣ୍ଟା ସମୟ ପର୍ଯ୍ୟନ୍ତ ପାର୍କରେ ବୁଲାବୁଲି କରିପାରିବେ । ୧୦ ବର୍ଷରୁ କମ୍ ବ୍ୟକ୍ତିମାନଙ୍କ ଲାଗି କୌଣସି ଶୁଳ୍କ ନାହିଁ । ପର୍ଯ୍ୟକମାନେ ଯାନବାହନ ପାହାଡ଼ ନିକଟକୁ ନେଇ ଯାଇପାରିବେ । କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ ଫି ରହିଛି।

ଅନ୍ୟାନ୍ୟ ସ୍ଥାନ - ପର୍ଯ୍ୟଟକମାନେ ଏହି ହିର୍ଲି ଡଙ୍ଗର ପାର୍କ ବୁଲିବା ସହ ଚନ୍ଦନ ଧାର ଯାହାକି ଉକ୍ତ ସ୍ଥାନଠାରୁ ୯୦ କି.ମି. ଦୂର ଝରିଗାଁ ବ୍ଲକରେ ରହିଛି । ଏଥିସହ ଉମରକୋଟ ଠାରୁ ୧୧ କି.ମି. ଦୂରରେ ଅବସ୍ଥିତ ପୋଡାଗଡ଼ (ଗୁମ୍ଫା, ପଥର ସଂରଚନା) ଆଦି ଦେଖିପାରିବେ । ଏଥିସହ ୧୫ କି.ମି. ଦୂରରେ ପାପଡାହାଣ୍ଡିର ହରିଣ ପାର୍କ, ସହିଦ ମିନାର ଆଦି ଦେଖିପାରିବେ ।

କିପରି ଆସିବେ - ରାଜଧାନୀ ଭୁବନେଶ୍ୱରଠାରୁ ନବରଙ୍ଗପୁର ଜିଲ୍ଲାର ଦୂରତା ୪୨୦ କି.ମି. ପାଖାପାଖି ଅଟେ । ଉଭୟ ସରକାରୀ ବସ୍ ଓ ବେସରକାରୀ ବସ୍ ସୁବିଧା ରହିଛି । ଜୟପୁର ପର୍ଯ୍ୟନ୍ତ୍ୟ ଟ୍ରେନ୍‌ର ସୁବିଧା ଓ ଏୟାରପୋର୍ଟର ସୁବିଧା ରହିଛି । ଜୟପୁରଠାରୁ ନବରଙ୍ଗପୁର ଜିଲ୍ଲାର ଦୂରତା ୪୨ କି.ମି. ଅଟେ । ପର୍ଯ୍ୟଟକମାନେ ହିରାଖଣ୍ଡ ଏକ୍ସପ୍ରେସ୍ (ଟ୍ରେନ୍‌ର) ସୁବିଧା ନେଇପାରିବେ । ନବରଙ୍ଗପୁର ବସ୍‌ଷ୍ଟାଣ୍ଡ ଠାରୁ ୪ କି.ମି. ଯିବାକୁ ହେଲେ ଅଟୋ ଟ୍ୟାକ୍ସି ସୁବିଧା ରହିଛି ।

ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ନବରଙ୍ଗପୁର ସହରରେ ଅନେକ ଲଜ୍‌ର ସୁବିଧା ରହିଛି ।

❑

# ଝିଅ

**ଇଂ. ବିଜୟ କୁମାର ସାହୁ**
**ସହକାରୀ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ**

"ବାଏ, ବାଏ, ମାମା।" ହାତ ହଲେଇହଲେଇ ଝିଅ ଚଢ଼ିଲା ତା ସ୍କୁଲ୍ ବସ୍‌ରେ । ଚେହେରାରେ ତାର ପିଞ୍ଜରାରୁ ସଦ୍ୟ ମୁକ୍ତି ପାଇଥିବା ପକ୍ଷୀର ଉଲ୍ଲାସ । କିଛି ଘଣ୍ଟା ପାଇଁ ସେ ବାପା ମାଆଙ୍କ ଆକଟରୁ ମୁକ୍ତ । ସାଙ୍ଗ ଗହଣରେ ମନ ଖୁସୀରେ ଘୁରି ବୁଲିବାରେ ବାଧା ନାହିଁ । ସୀମିତରୁ ବାହାରି ଅସୀମିତରେ ମିଶିଯିବାର ଉନ୍ମାଦନା ପ୍ରତିଫଳିତ ତା ଚେହେରାରେ । ବସ୍ ଭିତରେ ତା ବୟସର ଆଉ ପଚାଶ ସରିକି ଝିଅ । ସମସ୍ତଙ୍କ ମୁହଁରେ ସେଇ ସମାନ ପ୍ରଫୁଲ୍ଲତା । କ୍ଷଣକ ମଧ୍ୟରେ ସେମାନଙ୍କ ଗହଣରେ ମିଶି ଗଲା ମୋ ଝିଅ । ସମସ୍ତଙ୍କ ମିଳିତ ହସଖୁସୀରେ କମ୍ପି ଉଠିଲା ବସ୍‌ର ପରିବେଶ । ସବୁଝିଅ ଏବେ ମତେ ଲାଗିଲେ ମୋ ଝିଅ ଭଳି ।

"ବାଏ, ବାଏ, ହାଭ୍ ଏ ନାଇସ୍ ଡେ ।" ମୁଁ ହାତ ହଲେଇ ବିଦାୟ ଦେଲି ସମସ୍ତଙ୍କୁ ।

ଅଟକିଅଟକି ଆଗେଇ ଚାଲିଲା ବସ୍ ଝିଅମାନଙ୍କୁ ଉଠେଇଉଠେଇ । ଧିରେଧିରେ ମୋ ନିକଟରୁ ଦୂରେଇ ଗଲା ସେଇ କଅଁଳ କଢ଼ୀମାନଙ୍କର ହସର କୋରସ୍ । ବୟସ ଦୃଷ୍ଟିରୁ ଗୋଟେଗୋଟେ ଦରଫୁଟା କଢ଼ୀ ଏମାନେ । ପୂର୍ଣ୍ଣ ପ୍ରସ୍ଫୁଟିତ ହୋଇଯିବେ ଆଉ କିଛି ଦିନ ମଧ୍ୟରେ । ପାହାନ୍ତି ଆକାଶର ଫର୍ଚ୍ଚାପଣ, ନିଖରି ଉଠିଲାଣି ଦେହରେ, ମୁହଁରେ । ଦେଖିଲେ ମନ ପୁରି ଉଠୁଛି । ତା ସାଥେସାଥେ ଅଜଣା ଡରଟେ ବି ସବାର ହୋଇଯାଉଛି ମନରେ, ବିକ୍ରମାଦିତ୍ୟଙ୍କ କାନ୍ଧରେ ବେତାଳ ସବାର ହେଲା ପରି । ଆଖି ଆଗରେ ଭାଷି ଯାଉଛି ନିକଟ ଅତୀତରେ ଏମିତି କଢ଼ୀମାନଙ୍କ ସହ ଘଟି ଯାଇଥିବା କିଛି ଲୋମହର୍ଷଣକାରି ଦୁର୍ଘଟଣାର ଦୃଶ୍ୟସବୁ । ମନେ ପଡ଼ିଯାଉଛି ସୈତାନମାନଙ୍କର କାମନାର ନିଆଁରେ ଜଳି ପୋଡ଼ି ପାଉଁଶ ହୋଇ ଯାଇଥିବା ନିର୍ଭୟା, ବେବୀନା, ପରୀ ଭଳି ନିରିହାମାନଙ୍କ କାହାଣୀ । କାହାର ବା କି କ୍ଷତି କରି ଥିଲେ ସେମାନେ ? କାହିଁକି ଦୁନିଆକୁ ଭଲ ଭାବରେ ଜାଣିବା ପୂର୍ବରୁ ସେମାନେ ଝଡ଼ି ପଡ଼ିଲେ ଅକାଳରେ ? କିଏ ଜାଣେ କାଲି ଏଇ ଝିଅମାନଙ୍କ ଭିତରୁ କାହାର ଯେ ନ ହେବ ସେଇ ଦଶା ? ଝିଅଟେ ଜନ୍ମ ହେଲେ ମାଆ ବାପା ଉଲ୍ଲସିତ ହୁଅନ୍ତି ଘରକୁ ଲକ୍ଷ୍ମୀ ଆସିଲେ ବୋଲି । କିନ୍ତୁ ଏବେ ସେଇ ମାଆ ବାପାମାନେ ଖୁସୀ ହୋଇ ପାରୁ ନାହାନ୍ତି, ଏ ସବୁ ଘଟଣା ଦେଖିଲା ପରେ । ସେମାନେ ସନ୍ଦିହାନ ହୋଇ ପାରୁ ନାହାନ୍ତି ସେମାନଙ୍କର ଏଇ ଲକ୍ଷ୍ମୀ ପ୍ରତିମାର ସୁରକ୍ଷାକୁ ନେଇ ।

ଝିଅର ସ୍କୁଲ୍ ବସ୍ ଏ ଭିତରେ ଚାଲିଗଲାଣି ଅନେକ ବାଟ । ଆମ କଲୋନୀ ମୁଣ୍ଡ ବାଙ୍କ ମୋଡ଼ି ହେଲା ପରେ ଆଉ ଦିଶୁନି । ଅଥଚ ମୁଁ ଠିଆ ହୋଇ ରହିଛି ସେମିତି, ଚାହିଁ ରହିଛି ସେ ଆଡ଼କୁ । ଭାବୁଛି ମୋ ଝିଅ କଥା, ଆଉ ସବୁ ଝିଅଙ୍କ କଥା । ମାଆ ମନ । ନାନା ଚିନ୍ତା, ଦୁଃଶ୍ଚିନ୍ତା ପଶି ଆସୁଛି ଆପେଆପେ, ଝିଅ ବାହାରକୁ ବାହରି ଗଲା ପରେ । ହଠାତ୍ ମନେ ପଡ଼ିଲା, ସାରା ଦିନର କାମ ବାକି ପଡ଼ିଛି ମୋର । ଧଡ଼ପଡ଼ ହୋଇ ବାହାରି ପଡ଼ିଲି । ହେଲେ ଗେଟ୍ ବନ୍ଦ କଲା ବେଳକୁ ହଠାତ୍ କାହାର ଡାକ ଶୁଣି ଅଟକିଗଲା ମୋ ହାତଟା ।

"ମାଆ ! ଏ ମାଆ ! ତୋ ଝିଅକୁ ତ ଖୁଆଇପିଆଇ ପଠେଇ ଦେଲୁ ଇସ୍କୁଲ, ଆଉ ଏ ଝିଅ କଥା ଟିକେ ବୁଝୁନୁ? ମୁଁ କଣ ଝିଅଟେ ନୁହଁ କି ?"

ସଂଯୋଗ ଦେଖ, ଏଇ କିଛି କ୍ଷଣ ତଳେ, ଏଇ ଝିଅମାନଙ୍କ ଚିନ୍ତାରେ ବୁଡ଼ି ରହିଥିଲି ମୁଁ ଆଉ ଠିକ ସେ ସମୟରେ ଅଜଣା ଝିଅଟେ ଆସି ଜବାବ ମାଗୁଛି, "ମୁଁ କଣ ଝିଅଟେ ନୁହଁ କି ?" ତା ପ୍ରଶ୍ନରେ ଘାୟାଲ୍ ହୋଇ ଗଲି ମୁଁ । କିଏ ହୋଇପାରେ ଏ ? ଚିହ୍ନା ନାହିଁ, ପରିଚୟ ନାହିଁ, ଅଥଚ ନିଜର ମଣିଷ ଭଳି ମାଆ ବୋଲି ଡାକି ହକ୍ ଜାହିର କରୁଛି, ଜବାବ ମାଗୁଛି । ଫେରି ଚାହିଁଲି, ସତର କି ଅଠର ବର୍ଷର ଝିଅଟେ । ବେଶଭୁଷାରୁ ଲାଗୁଛି ପାଗଳୀଟେ ଭଳି । ପିନ୍ଧିଛି ଚିରା ଫଟା ମଇଳା ପୋଷାକ । ସେହି ଫଟା ପରିଧାନ ଭିତରୁ କିନ୍ତୁ ଫୁଟି ଉଠୁଛି ତା ଯୌବନ । ସାମାନ୍ୟ ଯତ୍ନ ନାହିଁ କି କୌଣସି ପ୍ରସାଧାନର ବ୍ୟବହାର ନାହିଁ, ତା ସତ୍ତ୍ୱେ ବି ଯୌବନର କାଉଁରି ଛୁଆଁରେ ଚମକି ଉଠୁଛି ତା ମଳିଚିଆ ସୌନ୍ଦର୍ଯ୍ୟ । ସମସ୍ତ ଅଭାବ ସତ୍ତ୍ୱେ ସେ ଲାଗୁଛି ଐଶ୍ୱର୍ଯ୍ୟମୟୀ । ପାଉଁଶର ପତଳା ଆବରଣ ତଳେ ଲୁଚି ରହଥିବା ନିଆଁଝୁଲ ଯେମିତି ସାମାନ୍ୟ ପବନ ପାଇଲେ ଜଳି ଉଠେ ହୁତ୍‌ହୁତ୍ ହୋଇ, ଠିକ୍ ସେମିତି ସାମାନ୍ୟ ଯତ୍ନ କଲେ ଣିଖରି ଉଠିବ ତା ସୌନ୍ଦର୍ଯ୍ୟ । ଲାଗୁଛି କୌଣସି ଥିଲାବାଲା ଘରର ହୋଇଥିବ ସେ । ହୁଏତ ମାନଷିକ ବିକୃତି ହେତୁ ତାର ଆଜି

ଏ ଅବସ୍ଥା । ବିଚଳିତ ହୋଇଗଲି ମୁଁ । ହେ ଭଗବାନ ! ଏ ବୟସରେ ଏ ପାଗଳୀ ଝିଅଟା ଏମିତି କେମିତି ବୁଲୁଛି ବାହାରେ ? ସୈତାନମାନେ କଣ ଛାଡ଼ିବେ ତାକୁ ? ପୁଳାପୁଳା କରି କଞ୍ଚା ଖାଇଯିବେ ତାକୁ ମୌକା ଦେଖି । ମୋ ଝିଅ ଭଳି ଏ ବି ଝିଅଟେ । ମୋ ଝିଅ ପାଇଁ ମୋର କେତେ ଚିନ୍ତା, ଅଥଚ ଏ ଝିଅ ପାଇଁ ଚିନ୍ତା କରିବା ଲୋକଗୁଡ଼ା ଗଲେ କୁଆଡ଼େ ? କୁଆଡ଼େ ଗଲେ ତାକୁ ଜନ୍ମ ଦେଇଥିବା ତା ବାପା, ମାଆ ? କୁଆଡ଼େ ଗଲେ ତା ଭାଇ, ବନ୍ଧୁ, କୁଟୁମ୍ବ ? ଏ ବୟସର ଝିଅକୁ କଣ କେହି ଏମିତି ଛାଡ଼େ ବାହାରେ ? ହୋଇ ପାରେ, ସାମାନ୍ୟ ମାନଷିକ ବିକୃତି ଘଟି ଥାଇ ପାରେ ତାର, ତେବେ ତାକୁ ଚିକିତ୍ସା ତ କରା ଯାଇ ପାରନ୍ତା ? ଘରେ ରଖି ତା ଯତ୍ନ ନିଆ ଯାଇ ପାରନ୍ତା । କେମିତି ବାପା ମାଆ ସେମାନେ ? ମତେ ଲାଗିଲା, ସେମାନେ ଝିଅ ଚାହୁଁ ନ ଥିଲେ, ଦେହର ଭୋକ ମେଣ୍ଟଉ ଥିବା ବେଳେ ଅବାଂଛିତ ଭାବରେ ସୃଷ୍ଟି ହୋଇଯାଇଛି ଏ ଝିଅଟା । ନହେଲେ, ଯୁବତୀ ଝିଅକୁ ଏମିତି ବାହାରେ ଛାଡ଼ି ନିଶ୍ଚିନ୍ତରେ ରହି ପାରିବେ କେଉଁ ବାପା ମାଆ ?

ମାଆ, ଏ ମାଆ, ଡାକ ଛାଡ଼ିଥାଏ ପାଗଳୀ ଝିଅଟି । ଆଉ ସମ୍ଭାଳି ପାରିଲିନି । ମୁଁ ତରଳି ଗଲି ତା ମାଆ ଡାକରେ । ମାଆ ଶବ୍ଦଟା ସେମିତି । ପ୍ରତିଟି ନାରୀ ଜଣେ ମାଆ । ତା ରକ୍ତରେ ମିଶି ରହିଥାଏ ମାଆପଣିଆ । ଏଇ ଦୁନିଆର ପ୍ରତିଟି ମଣିଷ ତାର ସନ୍ତାନ । ଯେତେବେଳେ କେହି ତାକୁ ମାଆ ବୋଲି ଡାକି ଦିଏ, ସେତେବେଳେ ସେ ଗୋଟା ପଣେ ଭିଜି ଯାଏ ମମତାର ଉଜାଣି ଧାରାରେ । ବିନା ଚିନ୍ତାରେ କୋଳେଇ ନିଏ ତାକୁ । ଭିଜେଇ ଦିଏ ମମତାର ବାରିରେ । ମମତା ବାଣ୍ଟିବାରେ କାପର୍ଣ୍ଣ୍ୟ ନଥାଏ ତାର । ମୁଁ ବି ସେଇ ନାରୀଟେ, ସେଥିରୁ ବାଦ ଯାଆନ୍ତି କିପରି ? ଅଜଣା ପାଗଳୀ ଝିଅଟେ ହେଲେ ବି, ମୋ ଅନ୍ତର ଭିତରେ ସ୍ଥାନଟେ ଅକ୍ତିଆର କରି ସାରିଲାଣି ଏ ଭିତରେ ସେ ।

"ମୁଁ କଣ ଝିଅଟେ ନୁହଁ?" ଝିଅଟି ପଚାରିଥିବା ପ୍ରଶ୍ନଟା ସେ ପର୍ଯ୍ୟନ୍ତ ଚକର ମାରୁଥାଏ ମୋ ମୁଣ୍ଡ ଭିତରେ । ସାମାନ୍ୟ ପ୍ରଶ୍ନ ନୁହେଁ ଇଏ, ବରଂ କହ ବୋମାଟେ । ପଡ଼ିଲା ମାନେ କ୍ଷତି ଘଟେଇବ, ଅନେକହିଁ ଘଟେଇବ । ମୋର ବି ସେମିତି ହେଲା । ମୋ ମନ ଭିତରେ ଝଡ଼ର ତାଣ୍ଡବ । ଉଭୟ ପୁଅ ଆଉ ଝିଅ, ଭଗବାନଙ୍କ ଦାନ । ଉଭୟେ ଆଗେଇ ନେବେ ସୃଷ୍ଟି ପ୍ରକ୍ରିୟାକୁ ଆଗକୁ । ଜଣକର ଅଭାବରେ ବି ଅଚଳ ହୋଇଯିବ ପ୍ରଗତିର ରଥ । ଅଥଚ ଝିଅମାନଙ୍କୁ ଏତେ ଅବହେଳା କରାଯାଏ କାହିଁକି ? ମୋର ଇଛା ହେଉଥିଲା ତାକୁ କୋଳେଇ ନେବା ପାଇଁ ଆଉ କହିବା ପାଇଁ, "ତୁ ଠିକ୍ କହିଛୁ ଝିଅ ! ତୁ ଝିଅଟେ । ଅନ୍ୟ ଝିଅମାନଙ୍କ ପରି ସ୍ୱଚ୍ଛନ୍ଦ ଜୀବନଟେ ବଞ୍ଚିବାର ଅଧିକାର ଅଛି ତୋର । ଏ ଦୁନିଆରେ ଏମିତି କେହି ନାହିଁ, ଯିଏ ଅସ୍ୱୀକାର କରିବ ଏ କଥାକୁ ? ତେବେ ଏ ପ୍ରଶ୍ନ ତୁ ମତେ ଏକା ନୁହଁ, ବରଂ ଚିଲେଇଚିଲେଇ ପଚାରେ ସାରା ଦୁନିଆକୁ । ପଚାରେ, ସେଇ ସର୍ବନିୟନ୍ତା ଭଗନାନଙ୍କୁ, ଯିଏ ପାଗଳୀଟେ କରି ତତେ ପଠେଇଛନ୍ତି ଏ ଦୁନିଆକୁ । ପଚାରେ, ତୋ ବାପମାଆଙ୍କୁ, ଯେଉଁମାନେ ନିଜର ଦେହ ସୁଖ ମେଣ୍ଟେଇବାକୁ ଯାଇ ସୃଷ୍ଟି କରିଛନ୍ତି ତତେ । ଆଉ ମଧ୍ୟ ପଚାର, ନିଜକୁ ସଭ୍ୟ ବୋଲି ଡିଣ୍ଡିମ ପିଟୁଥିବା ଏ ସମାଜର ବଡ଼ପଣ୍ଡାମାନଙ୍କୁ । ପଚାର,"ଗଣତନ୍ତ୍ର ଲୋକଙ୍କର, ଲୋକଙ୍କ ପାଇଁ, ଆଉ ଲୋକଙ୍କ ଦ୍ୱାରା"ର ନାରା ଦେଇ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଶାସନ ଗାଦିକୁ ଅକ୍ତିଆର କରିଥିବା ଆମ ସରକାରଙ୍କୁ । କାହା ଆଖିକୁ କଣ ଦିଶୁନି ଏ କଥା ? ଯୁବତୀ ଝିଅଟେ ବୁଲୁଛି ଏକାଏକା, ଅଥଚ କାହାର ନିଘା ନାହିଁ ଏଥି ପ୍ରତି । କୁଆଡ଼େ ଗଲେ ସମସ୍ତେ ? କୁଆଡ଼େ ଗଲା ମାନବିକତା ? ପାଗଳୀ ଝିଅଟାକୁ ଖୋଜିବା, ତାକୁ ସାଇତି ରଖିବା, ଚିକିତ୍ସା କରି ସୁସ୍ଥ କରାଇବା କଣ ସେମାନଙ୍କର ଦାଇତ୍ୱ ନୁହେଁ ? ଦେଖି ବି ନଦେଖିଲା ଭଳି କେମିତି ରହି ଯାଇଛନ୍ତି ସମସ୍ତେ ଏମତି ନିଧଡ଼କ ହୋଇ ? ଆରେ ବାବା ! କାଉ, ଶାଗୁଣା ଶବକୁ ଖୁମ୍ପି ଖାଇଲା ପରି ଖୁମ୍ପିଖୁମ୍ପି ଖାଇ ଦେବେ ତାକୁ ଏଠି ସୈତାନମାନେ । ତାପରେ ଖୋଜିଲେ, ତା ହାଡ଼ ଖଣ୍ଡେ କି ମାଉଂସ ଟିପେ ବି ମିଳିବନି । ସେତେବେଳେ ମୁଣ୍ଡ ପିଟି କାନ୍ଦିଲେ କି ତୁମ୍ଫିତୋଫାନ କଲେ, କି ଲାଭ ହେବ ? ଆଉ ଅଧିକ କିଛି ଭାବି ପାରିଲିନି ମୁଁ । ଝିଅଟା କଥା ଭାବିଭାବି ମୋ ମୁଣ୍ଡଟା ଭାରି ହୋଇଗଲା ଅସମ୍ଭବ ଭାବରେ । ଝିଅଟା ପ୍ରତି ଦରଦରେ ମନଟା ମୋର ନରମ ହୋଇ ଆସି ଥାଏ ଏ ଭିତରେ ।

"ଏ ଝିଅ ! ତୋ ନାଆଁ କଣ ? ତୋ ଘର କୋଉଠି ? ତୋ ବାପାଙ୍କ ନାଆଁ କଣ ? ତୁ କାହିଁକି ଏମିତି ବୁଲୁଛୁ ଅନାଥିନୀଙ୍କ ପରି ? ତୋର କଣ କେହି ନାହାନ୍ତି ?"ଏକା ସାଙ୍ଗରେ ଏମିତି ଅନେକ ପ୍ରଶ୍ନ ପଚାରି ପକାଇଲି ମୁଁ ତାକୁ ବିକଳ ହୋଇ ।

"ମୁଁ କିଛି ଜାଣିନି । ମତେ କିଛି ପାଚାରେନା । ମତେ ପରା ଭୋକ ହଉଛି । ଆଗ ମତେ ଖାଇବାକୁ ଦେ । ଦି'ଦିନ ହେଲା କିଛି ଖାଇନି ପରା ? ମାଆ ହେଇକି ତୁ ଏତିକି ଜାଣି ପାରୁନୁ । ଦେଖୁନୁ ମୋ ପେଟ କେମିତି ପଶି ଯାଇଛି ?" ଝିଅଟା ତା ପିଠିକୁ ଲାଗିଯାଇଥିବା ପେଟକୁ ଦେଖଇଲା ମତେ ।

"ହଉ, ହଉ, ବସ୍ ସେଇଠି । ମୁଁ ଖାଇବାକୁ ଆଣୁଛି ତୋ ପାଇଁ ।" ତାକୁ ସେଠି ବସେଇ ଦେଇ ଗଲି ତା ପାଇଁ କିଛି ଖାଦ୍ୟ ଆଣିବା ପାଇଁ । ଘରେ ଯାହା ଥିଲା ଆଣି ବାଢ଼ି ଦେଲି ତା ଆଗରେ । ଟିକେ ମାତ୍ର ବିଳମ୍ବ ନ କରି ଖାଇବା ଆରମ୍ଭ କରିଦେଲା ସେ । ମାଆ ପରି ବଳେଇବଳେଇ ଖୁଆଇଲି ତାକୁ । କିଏ ଜାଣେ, କେତେ ଦିନ ହେଲା ଖାଇବାକୁ ପାଇନି ସେ । ସେ ବି ପେଟ ପୁରାଇ ଖାଇଲା । ମୋ ମାଆ ପଣିଆ ତରଳିଗଲା ଆଉ ମୁଁ ବହି ଗଲି ନଦୀଟିଏ ହୋଇ ।

"ତୁ ମୋ ମାଆ । ମୋ ଭଲ ମାଆ । ମୁଁ ତୋ ଝିଅ ଆଉ ତୁ ମୋ ମାଆ ।" ଏ ମାଆ କଣ କହୁଛୁ ? ଆତ୍ମୀୟତାର ଶବ୍ଦ ବାଣରେ ପୋତି ପକେଇଲା ଏବେ ସେ ମତେ । ପାଗଳୀ ହେଲେ କଣ ହେବ, କୃତଜ୍ଞତା ଜଣାଇବାରେ ଟିକେ ହେଲେ କାର୍ପଣ୍ୟତା ନାହିଁ ତାର । ମୋ ଝିଅ କ୍ୟୁଟି କଥା ମୋର ମନେ ପଡ଼ିଲା । ଏକ ମାତ୍ର ସନ୍ତାନ ସେ ମୋର । ସେଥିପାଇଁ ଭାରି ଜିଦିଆ । ଗୋଟିକିଆ ବୋଲି ମୁଁ ମାନି ନିଏ ତାର ସବୁ ଜିଦ୍‌କୁ । ତା ଜିଦ୍ ପୂରଣ ହୋଇଗଲେ, ତା ଖୁସି ଦେଖେ କିଏ ? "ମାଇଁ ବେଷ୍ଟ୍ ମାମା" ବୋଲି କହି, ମୋ ବେକରେ ଓହଳି ପଡ଼େ । ସବୁ ଝିଅ ବୋଧହୁଏ ଏକା ପରି । ତା ହେଲେ ମୋ ଝିଅ ଆଉ ଏଇ ଝିଅ ଭିତରେ ଫରକ୍ ରହିବ କାହିଁକି ? ସେ ବି ଝିଅଟେ ଆଉ ଏ ବି । ଉଭୟଙ୍କର ସ୍ନେହ, ପ୍ରେମ, ମମତା ଦରକାର, ଖାଦ୍ୟ ଦରକାର, ବସ୍ତ୍ର ଦରକାର, ସର୍ବୋପରି ନିରାପତ୍ତା ଦରକାର । କିନ୍ତୁ ଏ ଝିଅର ସେତିକି ନାହିଁ । ତାକୁ ସେ ସବୁ ଦେବ କିଏ ? ମୁଁ ମାଆଟେ ହେଲେ ବି ଘର କୋଣରେ ରହୁଥିବା ସାମାନ୍ୟ ଗୃହିଣୀଟେ । ମୋ ଝିଅ, ମୋ ସ୍ୱାମୀ ଆଉ ମୋ ପରିବାରର ଜଞ୍ଜାଳ ବୁଝିବା ଭିତରେ ହିଁ ମୋର ସାମର୍ଥ୍ୟ ସିମିତ । ତାଠୁ ଅଧିକ କଛି କରିବା କି ଭାବିବା ନିରର୍ଥକ । କିନ୍ତୁ ତାକୁ ଜନ୍ମ ଦେଇଥିବା ତା ବାପା ମାଆ ଗଲେ କୁଆଡ଼େ ? ପାଗଳୀ ଝିଅଟାକୁ ସେମାନେ ଖୋଜୁ ନାହାନ୍ତି କେମିତି ? ମୁଁ ତାକୁ ପଚାରିଲି ତା ବିଷୟରେ । ତା ଠିକଣା ଜାଣିଲେ ହୁଏତ କିଛି କରି ପାରନ୍ତି ତା ପାଇଁ । କିନ୍ତୁ ସେ କିଛି କହିପାରିଲାନି ଠିକ୍‌ରେ, ବରଂ ମୋ ପ୍ରଶ୍ନବାଣରେ ଅତିଷ୍ଠ ହୋଇ ଚାଲିଯିବାକୁ ବାହାରିଲା । ଏବେ ତା ପେଟ ପୁରି ଯାଇଛି । ବର୍ତ୍ତମାନ ପାଇଁ ହୁଏତ ତାର ଆଉ କିଛି ଦରକାର ନାହିଁ । ସେଥିପାଇଁ ସେ ଆଉ ଏଠାରେ ରହିବାକୁ ଉଚିତ୍ ମଣିଲାନି । ତେବେ ଯିବା ପୂର୍ବରୁ କହି ଗଲା, "ତୁ ମୋ ଭଲ ମାଆ । ମୁଁ ପୁଣି ଆସିବି । ମତେ ଖାଇବାକୁ ଦବୁ ନା ?"

ଝିଅଟା ଏକ ମୁହାଁ ହୋଇ ଚାଲି ଗଲା । ପଛକୁ ଟିକେ ବି ଫେରି ଚାହିଁଲାନି । ମତେ କିନ୍ତୁ ଦୁଃଖ ଲାଗିଲା, ତା ପାଇଁ । ଯାହା ହେଲେ ବି ମଣିଷ ଛୁଆଟେ ସେ । ଆମେ ମଣିଷ ହୋଇ ବି କିଛି କରି ପାରୁନୁ ତା ପାଇଁ । ଏଇଟା ମଣିଷର ସ୍ୱାର୍ଥପରତା ନା ଅସହାୟତା ? ମଣିଷ କୁଆଡ଼େ ଗୋଟେ ସାମାଜିକ ପ୍ରାଣୀ । ଦିନେ ବଣ ଜଙ୍ଗଲରେ ପଶୁଙ୍କ ପରି ଘୁରି ବୁଲୁଥିବା ମଣିଷ, ପରସ୍ପରକୁ ସାହାଯ୍ୟ ସହଯୋଗ କରି ବଞ୍ଚିବେ ବୋଲି ଚିନ୍ତା କରି ପରବର୍ତ୍ତି କାଳରେ ଦଳବଦ୍ଧ ହୋଇ, ସଂଗବଦ୍ଧ ହୋଇ ବସବାସ କରିବାକୁ ଆରମ୍ଭ କରିଥିଲେ । ସେଥିରୁ ଗଢ଼ି ଉଠିଥିଲା ଜନ ବସତି...ଗ୍ରାମ...ନଗର...ସହର...ସମାଜ । ଅଥଚ, ଆଜି, ସେଇ ସମାଜ ଡରରେ କେହି ଆଗେଇ ଆସୁ ନାହାନ୍ତି ଗୋଟେ ଅସହାୟା ଝିଅକୁ ସାହାଯ୍ୟ କରିବାକୁ । ସମସ୍ତଙ୍କୁ ଡର, ପାଗଳୀ ଝିଅଟା, କଣ ହେବ, ଯଦି କାଲି ତା ସାଥିରେ କିଛି ଅଘଟଣ ଘଟେ ? ମୋ ମଣିଷପଣିଆକୁ, ମାଆପଣିଆକୁ ଶକ୍ତ ଧକ୍କା ଲାଗିଲା । କିନ୍ତୁ କିଛି କରିବା ମୋ ସାମର୍ଥ୍ୟ ବାହାରେ । ଭଗବାନଙ୍କୁ କେବଳ ପ୍ରାର୍ଥନା କଲି, "ହେ ଭଗବାନ ! ଏ ଝିଅକୁ ସହାୟ ହୁଅ ।" ଝିଅଟି ଚାଲି ଗଲାଣି ଅନେକ ବେଳୁ । ମୁଁ ମଧ୍ୟ ବାହାରିଲି ଘରକୁ, ମୋ ନିତିଦିନିଆ ସଂସାରକୁ । ତେବେ ମନଟା କିଛି ଭଲ ଲାଗିଲାନି । ମଝିରେମଝିରେ ଖାଲି ମନେ ପଡ଼ିଲା ସେ ଝିଅଟା କଥା ।

ତେବେ ମୋ ପାଇଁ ଆଶ୍ୱସନାର ବିଷୟ ହେଲା, ନିୟମିତ ଅନ୍ତରରେ ଝିଅଟା ଆସିଲା ମୋ ପାଖକୁ । ମୁଁ ତାକୁ ଦେଉ ଥିବା ଖାଦ୍ୟ ଲୋଭରେ ହେଉ ଅଥବା ମୋ ଜୁଆରିଆ ମାଆପଣିଆରେ ଭିଜି ଯିବା ପାଇଁ ହେଉ, ସେ ନିୟମିତ ଆସିଲା ମୋ ପାଖକୁ । ଆସିବ ତ, ମାଆ ମାଆ ବୋଲି ରଡ଼ି ଛାଡ଼ିବ ଖଣ୍ଡେ ଦୂରରୁ, ତା ଝିଅପଣିଆ ଜାହିର କରିବ । ତା ଡାକ ଶୁଣିଲା ମାତ୍ରେ, ମୁଁ ବି ତରଳି ଯାଏ । ଅପେକ୍ଷା କଲା ପରି, ବାହାରି ଆସେ ତତ୍‌କ୍ଷଣାତ୍ । ଭଲମନ୍ଦ କରି ବଳେଇବଳେଇ ଖୁଆଏ ତାକୁ । ଗେଲରେଗେଲରେ ଜେରା କରେ ତାକୁ, ଜାଣିବାକୁ ତା ଇଛା, ଅନିଛା, ତା ସ୍ୱପ୍ନ ବିଷୟରେ । ପ୍ରଥମେପ୍ରଥମେ କିଛି କହିବାକୁ ଅମଙ୍ଗ ହେଲେ ବି ଧିରେଧିରେ ସେ ଆରେଇ ନିଏ ମତେ । ସବୁ କିଛି କହିପକାଏ ତା ବିଷୟରେ । ତା କଥାରୁ ମୁଁ ଯେତିକି ବୁଝେ, ସେଥିରୁ ଜାଣେ ଯେ, ସବୁ ଝିଅଙ୍କ ଭଳି ତାର ମଧ୍ୟ କିଛି ସ୍ୱପ୍ନ ଅଛି । ଆଉ ତାର ସେ ସ୍ୱପ୍ନ ହେଉଛି ସେ ଦିନେ ବାହା ହେବ, ଘର ସଂସାର କରିବ, ତା ସ୍ୱପ୍ନର

ରାଜକୁମାର ବରବେଶ ସାଜି ଆସିବ ଆଉ ତାକୁ ରାଣୀ କରି ନେବ । ମୁଁ ଆଶ୍ଚର୍ଯ୍ୟ ହୁଏନି ତାର ଏ ଅବାସ୍ତବ ସ୍ୱପ୍ନ କଥା ଶୁଣି । କିଏ ମାନୁ ଅବା ନ ମାନୁ, ସେଇ ଗୋଟିଏ ସ୍ୱପ୍ନ ତ ଥାଏ ସବୁ ଝିଅଙ୍କର । ତେଣୁ ତାର ସେଭଳି ସ୍ୱପ୍ନଟେ ରହିବା ସ୍ୱାଭାବିକ୍ । କିନ୍ତୁ କିଏ ବାହା ହେବ ତା ଭଳି ପାଗଳୀକୁ ?

"ବାହା ହେଲେ କଣ ହେବ ?" ପଚାରିଲି ଦିନେ ମୁଁ, ଜାଣିବା ପାଇଁ ତା ମନ କଥା ।

"ବାହା ହେଲେ ଭାରି ମଜା ହେବ । ବାଜା ବାଜିବ...ବାଣ ଫୁଟିବ...ଭୋଜି ଭାତ ହେବ... ଆହୁରି କେତେ କଣ ହବ ।" ତା ସ୍ୱପ୍ନ ଲମ୍ବି ଯାଏ ଦିଗ୍‌ବଳୟ ପର୍ଯ୍ୟନ୍ତ ।

"ତୁ କାହାକୁ ବାହା ହେବୁ ?" ପଚାରେ ମୁଁ ତାକୁ ।

"ମୋ ବରକୁ ?" ଚଟାପଟ ଉତ୍ତର ଦିଏ ସେ । ପାହାନ୍ତି ପହରର ପୂର୍ବାକାଶ ପରି ରକ୍ତିମ ଦିଶୁଥାଏ ତା ମୁହଁ ସେତେବେଳେ ଲଜ୍ଜାର ଫଗୁ ବୋଳି ହୋଇ । ସପନ ଭାରରେ ଭାରି ଦିଶୁଥାଏ ତା ଆଖି ଦୁଇଟା ।

"କେଉଁଠି ଅଛି ତୋ ବର ?"

"ମୁଁ ଜାଣିନି ।"

"ଜାଣିନୁ ତ ବାହା ହେବୁ କହୁଛୁ କେମିତି ? କାହାକୁ ବାହା ହେବୁ ତା ହେଲେ ?"

ଏଥର ଅସହାୟ ଦିଶେ ତା ମୁହଁ । କାନ୍ଦକାନ୍ଦ ହୋଇ ଯାଏ ସେ । ବାହାରି ଆସୁ ଥିବା ଲୁହକୁ ପିଇଯାଏ ତା ଆଖି ଦେଇ । ସ୍ୱଗତୋକ୍ତି କରେ "ହଁ, ସତ କଥା, ମୁଁ ତ ପାଗଳୀଟେ । ମତେ କିଏ କାହିଁକି ବାହା ହବ ?"

ମୁଁ ବି ଦୁଃଖି ହୋଇଯାଏ ତା ଦୁଃଖରେ । ମିଛ ଆଶ୍ୱାସନା ବାହାରି ଆସେ ମୋ ମୁହଁରୁ । "ତୁ ଜମା ମନ ଦୁଃଖ କରେନା । ରଜା ପୁଅ ଭଳିଆ ସୁନ୍ଦର ବର ମିଳିବ ତତେ ।"

ଏଥର ମୋ ପାଖକୁ ଲାଗି ଆସେ ସେ ନିଜର ମଣିଷ ଭଳି ଆଉ କହେ, "ମାଆ ! ଏ ମାଆ ! ତୁ ମୋ ପାଇଁ ବର ଖୋଜି ଦବୁ ନା ? ତୁ ମୋ ଲାଗି ଭାରି ସୁନ୍ଦରିଆ ବରଟେ ଖୋଜି ଦବୁ ନା ? ସେଇ ସୁନ୍ଦରିଆ ବରକୁ ମୁଁ ବାହା ହେବି । ଭାରି ମଜା ହେବ । ହଁ, ଭାରି ମଜା ହେବ ।" ଖୁସିରେ ନାଚି ଉଠେ ସେ ।

"ହଁ, ହଁ, ମୁଁ ତୋ ପାଇଁ ବର ଖୋଜି ଦେବି । କିନ୍ତୁ ମୁଁ ଯାହାକୁ କହିବି, ତୁ ତାକୁ ବାହା ହେବୁ । ତୋ ମନେମନେ କାହାକୁ ବାହା ହୋଇ ପଡ଼ିବୁନି । ସେମିତି କଲେ ମୁଁ ଜମା ତୋ ସାଥୀରେ କଥା ହେବିନି, ତୋ ମାଆ ହେବିନି ।" ମୋ ଆଶଙ୍କା କହି ପକେଇଲା ଏ ସବୁ ।

"ସେମିତି କହନା, ମୋ ମାଆକୁ ନ କହି ମୁଁ କିଛି କରିବିନି । ସୁନା ପୁଅ ଝିଅମାନେ କଣ ବାପା ମାଆଙ୍କ ଅବାଧ ହୁଅନ୍ତି ? ମୁଁ ତ ସୁନା ଝିଅ । ମୁଁ ତୋ କଥା ମାନିବି । ତୁ ଯାହାକୁ କହିବୁ, ମୁଁ ତାକୁ ବାହା ହେବି ।" ମୋ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରେ ସେ ।

ମୋ ଦେହରେ ପ୍ରଣ ପଶିଲା ତା କଥା ଶୁଣି । ପାଗଳୀ ହେଲେ ବି ଭଲମନ୍ଦ ବିଚାର କରିବାର ଶକ୍ତି ତାର ଅଛି ଜାଣି ଖୁସି ଲାଗିଲା । "ହଁ, ହଁ, ତୁ ମୋ ସୁନା ଝିଅ । ମୁଁ ତୋ ପାଇଁ ସୁନ୍ଦରିଆ ବରଟେ ଖୋଜି ଆଣିବି ।" ଆଶ୍ୱାସନାର ନରମ କାନିରେ ଘୋଡ଼େଇ ପକେଇଲି ମୁଁ ତାକୁ ।

ଝିଅଟା ଚାଲି ଗଲା ତା ବାଟରେ । ମୁଁ ସେମିତି ଚାହିଁ ରହିଥାଏ ତା ଯିବା ବାଟକୁ । ସ୍ୱପ୍ନ ଦେଖିବା ମଣିଷର ସହଜାତ ପ୍ରବୃତି । ସ୍ୱପ୍ନ ଦେଖେ ବୋଲି ସେ ବଞ୍ଚି ଯାଏ ସବୁ ଅଭାବ ଭିତରେ ନିଜକୁ ଖାପ ଖୁଆଇ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ । ଏ ଝିଅ ବି ସେମିତି ବଞ୍ଚୁଛି ଏମିତି ଏକ ସ୍ୱପ୍ନକୁ ନେଇ । ତେବେ ତା ସ୍ୱପ୍ନ ତ ବାସ୍ତବଠାରୁ ଯୋଜନଯୋଜନ ଦୂରରେ, ଆମ ଭଳି ଛାର ମଣିଷର ଛୋଟ ହାତଟା କଣ ପାଇବ ସେତେ ଦୂର ? କଣ ତାର ସେ ସ୍ୱପ୍ନର ଭବିଷ୍ୟତ ? କିଏ ବାହା ହେବ ଗୋଟେ ପାଗଳୀକୁ ? ଏଥର ସତରେ ଅସହାୟ ହୋଇ ପଡ଼େ ମୁଁ । ଭଗବାନଙ୍କୁ ପଚାରେ, "ପ୍ରଭୁ ! ମଣିଷକୁ ଏମିତି ଅସହାୟ କରି ଜନ୍ମ ଦିଅ କାହିଁକି ? ଯଦି ବା ଜନ୍ମ ଦେଲ, ସେହି ଅସହାୟ ମଣିଷମାନଙ୍କ ମନରେ ଏମିତି ଅବାସ୍ତବ ସ୍ୱପ୍ନ ଭରିଦିଅ କାହିଁକି ?"

ସେଇ ପାଗଳୀ ଝିଅ ଆଉ ମୋ ଭିତରେ ଅଚାନକ ଗଢ଼ି ଉଠିଥିବା ସମ୍ପର୍କଟା ଗାଢ଼ା ହେଉଥାଏ ଦିନକୁ ଦିନ । ମୋ ପ୍ରତି ବିଶ୍ୱାସର ପାହାଡ଼ଟେ ଗଢ଼ି ହୋଇଯାଉଥାଏ ତା ମନ ଭିତରେ ଆଉ ମୋ ଭିତରେ ମାଆପଣିଆର ଫୁଆରା । ଏମିତିକି ତା ମନର ଗହନ କଥାକୁ ବି ମୋ ପାଖରେ ପ୍ରକାଶ କରିବାକୁ ପଛେଇଲାନି ସେ ଧିରେଧିରେ । ମତେ ଲାଗିଲା, ପୂର୍ବ ଜନ୍ମରେ କୌଣସି ସମ୍ପର୍କୀୟ ଥିଲୁ ବୋଧହୁଏ ଆମେ ଦି ଜଣ । ଆମ ସମ୍ପର୍କର ଗାଢ଼ାପଣକୁ ଦେଖି, ଦେଖି, ଧିରେଧିରେ ସେ ଜାହିର୍ କରେ ତା ଝିଅ ପଣିଆ । ଜିଦ୍ କରେ, "ମାଆ ମତେ ଏଇଟା ଦେ, ସେଇଟା ଦେ" ବୋଲି । ମୁଁ ତତ୍ପରାତାର ସହ ପୂରଣ କରେ ତାର ସବୁ ମାଗୁଣିକୁ । ଭାବେ,

ପାଗଳୀ ଝିଅଟା, କିଏ ବା ଅଛି ତାର ? କେତେ ବା ସରିଯିବ ତାକୁ କଣ ଟିକେ ଦେଇଦେଲେ ? କିନ୍ତୁ ମୋ ସ୍ୱାମୀ ଆଉ ଝିଅ ପସନ୍ଦ କଲେନି ଆମର ସେ ବଢ଼ନ୍ତା ସମ୍ପର୍କକୁ । ମୋ ସ୍ୱାମୀଙ୍କ ଡର, ଯୁବା ବୟସର ପାଗଳୀ ଝିଅଟେ ବାହାରେ ଏମିତି ବୁଲୁଛି ମାନେ, କିଛି ବି ଅଘଟଣ ଘଟି ପାରେ ତା ସହ । ଆଉ ତା ସହ ସମ୍ପର୍କ ବଢ଼େଇବା ମାନେ, ବିପଦକୁ ନିମନ୍ତ୍ରଣ କରିବା । କାଲି ସତକୁ ସତ ଯଦି ତା ସାଙ୍ଗରେ କିଛି ଅଘଟଣ ହୋଇଯାଏ, ତେବେ ଲୋକେ ବାର କଥା କହିବେ ଆମକୁ । ନାନା ଝମେଲାର ସମ୍ମୁଖୀନ ହେବାକୁ ପଡ଼ିବ ଆମକୁ । କିନ୍ତୁ ମୋ ଝିଅ କଥା ଅଲଗା । ସେ ମୋର ଏକୋଇରବଳା ହିସାବରେ ମୋର ସବୁ ସ୍ନେହ, ସବୁ ଆଦରର ସେ ଏକମାତ୍ର ହକ୍‌ଦାର । ଏ ପାଗଳୀ ଝିଅ ଆସି ସେଥିରେ ଭାଗ ବସାଉଛି ବୋଲି, ସେ ଇର୍ଷା କଲା ଯାକୁ । ବାପ ଝିଅ ଦୁହେଁ ମିଶି ଆକ୍ଷେପ କଲେ ମତେ । ମୁଁ କିନ୍ତୁ ଖାତିର୍ କଲିନି ସେ ସବୁକୁ । ବାପ ଝିଅ ସେମାନଙ୍କ କାମରେ ଚାଲି ଗଲା ପରେ, ଏ ଝିଅ ପାଲଟିଗଲା ମୋର ସମୟ କାଟିବାର ଗୋଟେ ବଡ଼ ମାଧ୍ୟମ ।

ସବୁ ଠିକ୍ ଚାଲିଥିଲା । ତେବେ କଣ ହେଲା କେଜାଣି, ଦିନେ ସେ ଝିଅ ଆଉ ଆସିଲାନି । ମୋ ଅପେକ୍ଷା, ରହିଗଲା ଅପେକ୍ଷାରେ । କେବଳ ସେ ଦିନ ନୁହଁ, ଦିନ ପରେ ଦିନ ବିତି ଗଲା ସିନା ସେ ଆଉ ଆସିଲାନି । ତା ପାଇଁ ମୁଁ ରଖୁଥିବା ଖାଦ୍ୟସବୁ ଫିଙ୍ଗା ହୁଏ ଶେଷରେ । ମୋ ମନ ଖରାପ ହୋଇଯାଏ ତା ପାଇଁ । ଭାବେ, କୁଆଡ଼େ ଗଲା ସେ ? ତେବେ ପନ୍ଦର ଦିନ ବିତି ଯିବା ପରେ, ମୋ ମନକୁ ପାପ ଛୁଇଁଲା । କିଛି ଅସୁବିଧା ହୋଇନି ତ ତାର ? କୌଣସି ଅସାମାଜିକ ତତ୍ତ୍ୱ ହାବୁଡ଼ରେ ପଡ଼ି ଯାଇନି ତ ସେ ? ମୋ ସ୍ୱାମୀ ଅଫିସ୍‌ରୁ ଫେରିବା ପରେ, ତାଙ୍କୁ କହିଲି ସବୁ କଥା । ଝିଅଟାକୁ ଖୋଜି ତା ପାଇଁ କିଛି କରିବାକୁ ଅନୁରୋଧ କଲି ତାଙ୍କୁ । ସେ କିନ୍ତୁ ସେତେ ଗୁରୁତ୍ୱ ଦେଲେ ନାହିଁ କଥାଟାକୁ, ବରଂ ଓଲଟା ଆକ୍ଷେପ କଲେ ମତେ ।

"ଏମିତି ଅନେକ ପାଗଳ, ପାଗଳୀ ବୁଲୁଛନ୍ତି ରାସ୍ତାରେ । କେତେ ଜଣଙ୍କ କଥା ଚିନ୍ତା କରି ପାରିବ ତମେ ?" କହିଲେ ମତେ ସେ ବେପରୁଆ ଭାବେ । ମତେ କିନ୍ତୁ ଠିକ୍ ଲାଗିଲାନି ତାଙ୍କ ମନ୍ତବ୍ୟ । ମୁଁ ତାଙ୍କୁ ବୁଝାଇବାକୁ ଚାହିଁ ବି ବୁଝାଇ ପାରିଲିନି ଯେ, ଅନ୍ୟ ପାଗଳ ଆଉ ଯା ଭିତରେ ତଫାତ୍ ଅନେକ । ଇଏ ପରା ଯୁବତୀ ଝିଅଟେ ଆଉ ଆଜି କାଲିର ଯୁଗ ଯାହା ନା ? କମ୍ ସେ କମ୍ ତା ଠିକଣା ଠାବ କରି, ତାକୁ ତ ପହଞ୍ଚାଇ ଦିଆ ଯାଇ ପାରନ୍ତା ତା ଘରେ । କିଏ ଜାଣେ, ତା ବାପା ମାଆ ହୁଏତ ଖୋଜୁ ଥିବେ ତାକୁ ? ମୋ ସ୍ୱାମୀ ଯେ ମୋ ଯୁକ୍ତିକୁ ଅଗ୍ରାହ୍ୟ କରୁ ଥିଲେ ତାହା ନୁହେଁ । ତେବେ ଅଯଥା ଜଞ୍ଜାଳ ଭିତରେ ପଶିବା ପାଇଁ ଚାହୁଁ ନଥିଲେ ସେ । କାଲି କିଛି ସୁବିଧା ଅସୁବିଧା ହେଲେ ଲୋକେ ନାନା କଥା କହିବେ ଆମକୁ । ତା ଛଡ଼ା, ଏମାନଙ୍କ କଥା ବୁଝିବା ପାଇଁ, ଅନେକ ସଂସ୍ଥା ଅଛି ସରକାରଙ୍କର । ସ୍ୱେଚ୍ଛାସେବୀ ଅନୁଷ୍ଠାନ ବି ଅନେକ ଅଛି, ସେମାନେ ବି ତ କରି ପାରନ୍ତେ, ଏ ସବୁ ? ସ୍ୱାମୀଙ୍କ ସହ ଯୁକ୍ତି କରିବାକୁ ମୁଁ ଚାହୁଁ ନଥିଲି । ତେଣୁ ନିରବ ରହିଲି । ହେଲେ ସେ ଝିଅଟାର ନିରିହ ମୁହଁଟା ମୋ ଆଖି ଆଗରେ ନାଚି ଯାଉଥାଏ । ମୋ ମନ କହୁଥାଏ, ଆମ ଝିଅ ପାଇଁ କେତେ କଣ ନ କରୁଛେ ଆମେ ? ସେ ବି ତ ସେଭଳି ଝିଅଟେ ?

ଅନେକ ଦିନ ବିତି ଗଲା ଏ ଭିତରେ ଅଥଚ ଦେଖା ନ ଥିଲା ସେ ଝିଅର । ଗୋଟେ ଅଳସ ରବିବାର ସନ୍ଧ୍ୟାରେ ଆମେ ପୁରା ପରିବାର ବସି ଯାଇଥାଉ ଘର ସାମ୍ନାରେ । ହଠାତ୍ ଗେଟ୍ ଖଡ଼୍‌ଖଡ଼୍ ଶବ୍ଦରେ ଆମ ସମସ୍ତଙ୍କ ଦୃଷ୍ଟି ଚାଲିଗଲା ସେ ଆଡ଼କୁ ଆଉ ଯାହା ଦେଖିଲୁ ସେଥିରେ ଆମର ହୋସ୍ ଉଡ଼ିଯିବା ଭଳି ଅବସ୍ଥା । ଗେଟ୍ ସାମନାରେ ଠିଆ ହୋଇ ସେ ଝିଅ ଅନୁମତି ମାଗୁଥିଲା ଆସିବାକୁ ଭିତରକୁ । ସାଥୀରେ ତାର ଏକ ସୁନ୍ଦର ଯୁବକ । ତେବେ ଯାହା ସବୁଠୁ ବଡ଼ ଆଶ୍ଚର୍ଯ୍ୟ ଥିଲା ତାହା ହେଲା ସେ ଝିଅର ପରିବର୍ତ୍ତନ । ଆଗର ଚିରା ଫଟା ପୋଷାକପରିବର୍ତ୍ତେ ସେ ପିନ୍ଧି ଥିଲା ଖଣ୍ଡେ ସଫାସୁତୁରା ସୂତା ଶାଢ଼ୀ । ପାଗଳାମୀର ସାମାନ୍ୟ ଚିହ୍ନ ବି ନଥିଲା ତାଠାରେ । କୌଣସି ମଧ୍ୟବିତ୍ତ ଘରର ସୁନ୍ଦରୀ ଝିଅଟେ ଭଳି ଲାଗୁଥିଲା ସେ । ଆମକୁ ଲାଗିଲା ପୃଥିବୀର ଅଷ୍ଟମାଶ୍ଚର୍ଯ୍ୟକୁ ଯେମିତି ଆମେ ଦେଖୁଛୁ ଆମ ଆଖି ସାମନାରେ । କେମିତି ସମ୍ଭବ ହେଲା ଏ ସବୁ ? ତା ସାଥିରେ ସେ ଯୁବକ ଜଣକ କିଏ ? ଏମିତି ଅନେକ ପ୍ରଶ୍ନ ଉଦ୍‌ବେଳିତ କଲା ଆମକୁ । ତେବେ ସବୁ ଉତ୍କଣ୍ଠାକୁ ମନ ଭିତରେ ଚାପି ରଖି ଆମେ ଅନୁମତି ଦେଲୁ ସେମାନଙ୍କୁ ଆସିବାକୁ ଭିତରକୁ ।

ଭିତରକୁ ଆସି ଆମ ପାଦ ଛୁଇଁ ପ୍ରଣାମ କଲେ ସେ ଦୁଇଜଣ । ଆମେ ସେମାନଙ୍କୁ ବସିବାକୁ କହିଲେ ବି ବସିଲେନି ସେମାନେ । ସେମିତି ଠିଆ ହୋଇ ରହିଲେ । ଆମ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଯୁବକଟି ବର୍ଣ୍ଣନା କଲା ଏ ଭିତରେ ଘଟି ଯାଇଥିବା

ଘଟଣାବଳୀ । । ସେ ହେଉଛି ସୁଦୂର ମୟୂରଭଞ୍ଜର ଆଦିବାସୀ ପିଲା । ନାଆ ତାର ଟିମନ୍ । କାମ ଖୋଜିଖୋଜି ଭିଟାମାଟି ଛାଡ଼ି ଚାଲି ଆସିଥିଲା ଏଇ ଭୁବନେଶ୍ୱରକୁ ଅନେକ ବର୍ଷ ତଳେ । ସାଥିରେ ଆସିଥିଲେ ତା ବୁଢ଼ୀମାଆ । ବୁଢ଼ୀମାଆ ଛଡ଼ା ଏ ଦୁନିଆରେ ଆଉ କେହି ନାହାନ୍ତି ତାର । କିଛି ଦିନ ଇଆଡ଼େ ସିଆଡ଼େ ବୁଲିବା ପରେ, ଝୁମ୍ପୁଡ଼ିଟେ କରି ରହୁଛି ଏବେ ଗୋଟେ ବସ୍ତିରେ । ରିକ୍ସା ଚଳାଇ ପୋଷୁଛି ମାଆକୁ । ଆଗେ ଭଡ଼ା ରିକ୍ସା ଚଳଉଥିଲା, ଏବେ ନିଜେ ରିକ୍ସା ଖଣ୍ଡେ କିଣିଛି ସଞ୍ଚିତ ଧନରେ । ରିକ୍ସା ଚଳାଇବା ସମୟରେ ସେ ଲକ୍ଷ କରିଛି ଅନାଥ ହୋଇ ବୁଲୁଥିବା ଏଇ ପାଗଳୀ ଝିଅଟିକୁ । କାହିଁକି କେଜାଣି, ଝିଅଟି ଭଲ ଲାଗିଛି ତାକୁ । ତା ମନରେ ବି ଡର, କେହି ସୈତାନ ସୁଯୋଗ ନେଇଯିବନି ତ ପାଗଳୀ ଝିଅଟିର । ସେଥିପାଇଁ ସବୁ ବେଳେ ସେ ଲକ୍ଷ ରଖିଥାଏ ସେ ଝିଅଟି ଉପରେ । ଦିନେ ରାତିରେ ଝୁମ୍ପୁଡ଼ିକୁ ଫେରିଲା ସମୟରେ ସେ ଲକ୍ଷ କରିଛି, ତିନି ଚାରି ଜଣ ଲଫଙ୍ଗା ଟୋକା ପଡ଼ି ଯାଇଛନ୍ତି ଝିଅଟି ପଛରେ । ଝିଅଟି ବହୁ ଚେଷ୍ଟା କରୁଛି ଆତ୍ମରକ୍ଷା ପାଇଁ ଅଥଚ ପାରୁନି । ସମ୍ଭାଳି ପାରିଲାନି ଯୁବକଟି । ରିକ୍ସା ରଖି ଆକ୍ରମଣ କଲା ଲଫଙ୍ଗାମାନଙ୍କୁ । ନିଜେ ଅବଶ୍ୟ ଆଘାତ ପାଇଲା, କିନ୍ତୁ ଶେଷରେ ପରାଜୟ ସ୍ୱୀକାର କରି ଛତ୍ରଭଙ୍ଗ ଦେଲେ ସେହି ଲଫଙ୍ଗାମାନେ । ସେହି ଦିନଠାରୁ ସେ ଝିଅଟିକୁ ନେଇ ରଖିଛି ତା ଝୁମ୍ପୁଡ଼ି ଘରେ । ଏ ଭିତରେ ତା ନିଜ କ୍ଷତ ତ ଭଲ ହୋଇଗଲାଣି, ତା ସାଙ୍ଗେସାଙ୍ଗେ ଝିଅଟିର ପାଗଳାମୀ ବି । ତା ବୁଢ଼ୀମାଆ ଆଉ କାମକୁ ପାରୁ ନଥିବାରୁ, ଝିଅଟି କରୁଛି ଘରର ସବୁ କାମ । ସେ ଏବେ ସ୍ଥିର କରିଛି, ବିବାହ କରି ସବୁଦିନ ପାଇଁ ନିଜର କରିବ ଝିଅଟିକୁ । ଝିଅଟିର ବି ସେଇ ଇଛା । ତେବେ ଝିଅଟିର ଏକା ଜିଦ୍, ସେ ତା ମାଆ ମାନେ ମୋର ମଞ୍ଜୁରୀ ବିନା କରି ପାରିବନି ଏ ବିବାହ । ସେଥିପାଇଁ ଯୁବକଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଦୁହେଁ ସାଥୀ ହୋଇ ଆସିଛନ୍ତି ମୋ ପାଖକୁ ମୋ ଅନୁମତି ନେବା ପାଇଁ । ସେମାନଙ୍କ କଥା ଶୁଣି ମୋ ଆଖିରେ ଲୁହ ଆସିଗଲା । ଚାହିଁଲି ଝିଅଟି ଆଡ଼େ । ଲାଜରେ ମୁହଁ ତଳକୁ କରି ଦେଲା ସେ । ଦିନେ ପାଗଳୀ ଝିଅଟି ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ମୁଁ ତାକୁ କହି ଦେଇଥିଲି ଏ କଥା । କିନ୍ତୁ ସେ ଯେ ସତକୁ ସତ ଦିନେ ମୋ ମଞ୍ଜୁରୀ ପାଇଁ ନେଇ ଆସିବ ସେ ପସନ୍ଦ କରିଥିବା ପିଲାକୁ ମୋ ପାଖକୁ, ତାହ କଳ୍ପନାରେ ସୁଧା ଭାବି ନଥିଲି । ମତେ ଲାଗିଲା, ମୋ ମାଆପଣିଆର ଜିତ୍ ହୋଇଛି । ମୁଁ ଏବେ ଚାହିଁଲି, ମୋ ସ୍ୱାମୀଙ୍କ ଆଡ଼େ । ସେ ଏ ପର୍ଯ୍ୟନ୍ତ ସ୍ତବ୍ଧ ହୋଇ ଲକ୍ଷ କରୁଥିଲେ ସମସ୍ତ ଘଟଣାକୁ । ତାଙ୍କ ଆଖି କୋଣରେ ବି ବିନ୍ଦୁଏ ଲୁହ ଚିକ୍‌ମିକ୍ କରୁଥିବା ଲକ୍ଷ କଲି ମୁଁ ।

"ମୋର କିନ୍ତୁ ଗୋଟେ ସର୍ତ୍ତ ଅଛି ଏ ବିବାହ ପାଇଁ ।" ବିହ୍ୱଳତା କଟିଲା ପରେ ସେ କହିଲେ ଏ କଥା । ସ୍ତବ୍ଧ ହୋଇଗଲୁ ଆମେ ସମସ୍ତେ । ସ୍ତବ୍ଧ ହୋଇ ଗଲା ପୁରା ପରିବେଶ । ପବନ ବି ଅଟକି ଗଲା କିଛି ସମୟ ପାଇଁ ।

"ତମର ପୁଣି କି ସର୍ତ୍ତ ?" ପଚାରି ପକେଇଲି ମୁଁ ବିକଳରେ ।

"ଆରେ, ଡରିବାର କିଛି ନାହିଁ । ମୋ ସର୍ତ୍ତ ହେଉଛି, ମୁଁ କନ୍ୟାଦାନ କରିବି ଏ ବିବାହରେ । ଏ ଝିଅ ! ତୁ କଣ କେବଳ ମାଆର ଝିଅ ହେବୁ ଆଉ ବାପାର ଝିଅ ହେବୁନି । ତୁ ମୋ ବଡ଼ ଝିଅ ଆଜି ଠାରୁ । ଖୁବ୍ ଧୁମ୍ ଧାମ୍‌ରେ କରିବି ମୁଁ ଏ ବାହାଘର ।" ଭାବବିହ୍ୱଳ ଦିଶୁଥିଲେ ମୋ ସ୍ୱାମୀ । ମୋ ଆଖିରୁ ଝରୁଥିଲା ଖୁସୀର ଲୁହ । ମୋ ଝିଅ ତ ଆଗେଇ ଗଲା ଆଉ ପାଦେ । ଦୌଡ଼ି ଯାଇ ଫ୍ରିଜ୍‌ରୁ ଧରି ଆସିଲା ମିଠା ପ୍ୟାକେଟ୍‌ଟେ । ମିଠା ଖାଇ ସମସ୍ତେ ସେଲିବ୍ରେଟ୍ କଲୁ ଖୁସୀର ସେ ମୁହୂର୍ତ୍ତକୁ । ତାପର ଦୃଶ୍ୟ ଥିଲା ଆହୁରି ରୋମାଞ୍ଚକ । ମୋ ଝିଅ ଘର ଭିତରକୁ ସ୍ୱାଗତ କଲା ତା ଦିଦି ଭିଣୋଇକୁ । ସମସ୍ତେ ଯାଇ ବସିଲୁ ଘର ଭିତରେ । ମୋ ସ୍ୱାମୀ ଭାରି ବ୍ୟସ୍ତ ଜଣା ପଡ଼ିଲେ ଏବେ ।

"କଣ ଭାରି ବ୍ୟସ୍ତ ଜଣା ପଡୁଛ ?" ପଚାରିଲି ମୁଁ ତାଙ୍କୁ ଛିଗୁଲେଇବା ପାଇଁ ।

"ଆରେ ! ମୋ ବଡ଼ ଝିଅର ବାହାଘର ଆଉ ମୁଁ ବ୍ୟସ୍ତ ଜଣା ପଡ଼ିବିନି ତ ଜଣା ପଡ଼ିବ ଆଉ କିଏ ?" ଉତ୍ତର ଦେଲେ ମୋ ସ୍ୱାମୀ । ତାଙ୍କ ମୁହଁର ଦୃଢ଼ତା ଦେଖିବା ଭଳି ସେ ସମୟରେ । ଜଣେ ଦାଇତ୍ୱବାନ ବାପା ଭଳି ଲାଗୁଥିଲେ ସେ ।

ମୋ ଆଖିରେ ବି ଲୁହ ଆସିଗଲା । ମୁଁ ଧନ୍ୟବାଦ ଦେଲି କରୁଣାମୟ ଭଗବାନଙ୍କୁ, ତାଙ୍କର ବିଚିତ୍ର ଲୀଳା ପାଇଁ । ସତରେ ! ସେ ତାଙ୍କର କରୁଣାର ବାରି କେତେବେଳେ, କେଉଁ ପ୍ରକାରେ, କାହା ଉପରେ ଢାଳି ଦିଅନ୍ତି, ତାହା ଜାଣିବା ଆମ ଭଳି ଅଧମମାନଙ୍କର କ୍ଷମତାର ବାହାରେ । ଅଜ୍ଞତା ବଶତଃ ଆମେ ଭୁଲ୍ ବୁଝିଥାଉ ବେଳେବେଳେ ତାଙ୍କୁ । କିନ୍ତୁ ସମୟ ଆସିଲେ ସେ ଦୂର କରି ଦିଅନ୍ତି ଆମର ସବୁ ଭୁଲ୍‌କୁ । ଏହି ସମୟରେ ମୁଁ ହାତ ଯୋଡ଼ିଲି ସେହି କରୁଣାମୟଙ୍କ ଉଦ୍ଦେଶ୍ୟରେ । ❑

# ଡିପ୍ଲୋମା ଯନ୍ତ୍ରୀଙ୍କ ମହାକୁମ୍ଭ

**ଇଂ. ମମତାଜ୍ ଅଲ୍ଲି**
**ସହକାରୀ ନିର୍ବାହୀ ଯନ୍ତ୍ରୀ (ଅବସର ପ୍ରାପ୍ତ)**

ଅଚାନକ ଦିନେ ଛିଟିକି ଗଲା ଦୁଇ ବର୍ଷର ନୀରବତା
ପୁଣି ଥରେ ମୁଖରିତ ହୋଇ ଉଠିଲା ସଂଘ ପରିସର
ଉତ୍ତରରୁ ଦକ୍ଷିଣ, ପୁଣି ପୂରୁବରୁ ପଶ୍ଚିମ,
ଛୁଟି ଆସିଲେ ଡିପ୍ଲୋମା ଯନ୍ତ୍ରୀମାନେ
ଆପଣାର ମଣିଷକୁ ଭେଟିବାର ଆବେଗ
କମେଇ ଦେଲା ସବୁ ଦୂରତାକୁ ।

ପୁଣି ଫୁଲ ଫୁଟିଲା ଗଛରେ,
ଗାଇଉଠିଲେ ମଙ୍ଗଳଗୀତିକା ଚଢ଼େଇମାନେ
ଆସରେ ଆସ, ସଭିଏଁ ଆସ,
ପାଳିବା ମିଶି ପରବଟିଏ
ପରବ ପରି ପରବ ଟିଏ
ଆମ ସଂଘର ପ୍ଲାଟିନମ୍ ଜୁବୁଲି ସିଏ
ଡିପ୍ଲୋମା ଯନ୍ତ୍ରୀଙ୍କ ମହାକୁମ୍ଭ ସିଏ ।

ଅଠସ୍ତରୀ ବର୍ଷ ଧରି ମାଆ ପରି
କୋଳେଇ ଧରିଛି ଏ ସଂଘ ଆମକୁ,
ପୁଣି ବାପ ହୋଇ ଆଉଁସି ଦେଇଛି ମଥା,
କଳ୍ପବଟ ହୋଇ ପୂରଣ କରିଛି ସବୁ ଆଶା
ସାଥୀଟିଏ ହୋଇ ପୁଣି ବିପଦେ ଆପଦେ
ବଢ଼େଇ ଦେଇଛି ତା ଲଜ୍ଜୁଆ ହାତକୁ ।

ତେଣୁ ଆସ ଭାଇ କରିବା ତାର ଜୟଗାନ,
ହସିବା, ଖେଳିବା ପୁଣି ନାଚିବା ସାଥୀ ହୋଇ,
ବନ୍ଧୁ ବିରାଦରୀଙ୍କୁ ସାଙ୍ଗରେ ନେଇ,
ପ୍ରଦର୍ଶନ କରିବା ସଂଘୀୟ ଏକତା,
ଗାଇବା ଜୟ ସଂଘ, ଜୟ ଓଡ଼ିଶା, ଜୟ ଓଡ଼ିଶା ।

❑


# ବାଟ

**ଇଂ. ଦୁଃଶାସନ ବାରିକ**

ପଛରେ ଛାଡ଼ି ଆସିଛି ମୋ
ଅଫେରନ୍ତା ବାଟ,
ଯାହାକୁ ଯେତେ ଚାହିଁଲେ ବି ପାରୁନି ଭୁଲି
ଅନେକ ଥର ଚାହିଁଛି ଥରେ ବିଦାୟ ଦେବାକୁ
କିନ୍ତୁ ହାରିଯାଏ ବାରମ୍ବାର,
ବରଂ ସେ ବାଟ ମନେପଡ଼େ
ସେତେଥର
ଜୀବନର ରାସ୍ତା ଭାଙ୍ଗିଛି ଗଢ଼ିଛି
କେତେବେଳେ ସମତଳ ତ
କେତେବେଳେ ବନ୍ଧୁର
ଶୁଭ ଘଡ଼ିର ମୁହୂର୍ତ୍ତ ଥରୁଟିଏ ପାଇନି
ସେ ରାସ୍ତାକୁ ଅଭ୍ୟର୍ଥନା ଜଣେଇବାକୁ
ଛାତିରେ ଟିକେ କୋଳେଇ ନେବାକୁ ।

ବାଟ ଚାଲିଆସିଯାଇଛି ଅନେକ ଦୂର
ଆଉ ଫେରିବାର ବାଟ ମୋ ପାଇଁ ବନ୍ଦ୍
ଆଗକୁ ଆହୁରି ଅନେକ ବାଟ
ସପରିବାର ନାଁ ଗନ୍ଧ ନାହିଁ
ପାଦ ମୋର କ୍ଷତାକ୍ତ
ପାଦତଳ ଅନେକାଂଶରେ
କ୍ଷୟ ହେଇଗଲାଣି
ବାକି ଜୀବନ ଦେଖିବାକୁ ପାଖରେ
ଆଉ କେହି ନାହାଁନ୍ତି
ଯିଏ ମୋ ଜୀବନ ଚଲା ବାଟରେ
ସାକ୍ଷୀଥିଲା, ସିଏ କାଳବୈଶାଖୀର
ଧୂଳିଝଡ ସାଜି ଉଡ଼ିଯାଇଛି
ମୋ ଚାଲିବା ବାଟରେ ।

❑



# World in Danger

Er. Rabinarayan Panda
A.E.E. R.W.S.S. Sub-Division, Udala

Human Pressures on the environment are damaging the world's biophysical and ecological systems. Aj Mc Michar and colleagues discuss the resulting unequal effects on health and set out strategies to help prevent and lessen the harm. Human actions are changing many of the world's natural environmental systems, including the climate system. These systems are intrinsic to life process and fundamental to human health, and their disruption and depletion make it more difficult to tackle health inequalities. Indeed, we will not achieve the UN millennium development health goals if environmental destruction continues. Health professional have a vital contributory role in preventing and reducing the health effects of global environmental change.

In 2000 the united Nations set out eight development goals to improve the lives of the world's disadvantaged populations. The goals seek reductions in poverty, illiteracy, sex inequality, malnutrition, child deaths, maternal mortality and major infections as well creation of environmental stability and a global partnership for development. Infectious diseases cannot be stability and a global partnership for development. In factious diseases cannot be stabilized in circumstances of climatic instability, refugee flows, and impoverishment.

The seventh millennium development goal also takes a limited view of environmental sustainability, focusing primarily on traditional localized physical, chemical, and microbial hazards. The world health organization estimates that a quarter of the global burden of disease, including over one third of childhood burden, is due to modifiable factors in air, water, soil and food. This estimated environment related Burden is much greater in low income than high income countries overall 25% versus 17% of deaths and widening further to a twofold difference in percentage between the highest and lowest risk countries. Human induced global climate change is now an acknowledged reality. Extreme weathers events, infection, and malnutrition will have the greatest health effects in poor and vulnerable populations. Climate change could add 20-70 million to this figure by the 2080s. Any such increase would exacerbate poverty and make it harder to achieve and sustain health improvements. Scientists have concluded that we need to prevent atmospheric carbon dioxide concentrations exceeding 450-500 ppm to avoid the serious , perhaps irreversible , damage to many natural systems and ecological process that a global average temperature increase of 2-3$^0$C would cause.

A global catastrophic risk or a doomsday scenario is a hypothetical future even that could damage human well being on a global scale, even endangering on destroying modern civilization. An even that could cause human extinction or permanently and drastically curtail humanity's potential is known as an "existential risk". The 1918 influenza pandemic killed an estimated 3-6% of the world's population.

**Conclusion :** The stern report, in 2006, highlighted the potentially great damage to the worlds economic system from unconstrained climate change. The health professions have a crucial roles in promoting public understanding of this fundamental association and health protecting responses to it. ❑

---

## ବନ୍ଧୁମିଳନ (୧୬ ପୃଷ୍ଠାର ଅବଶିଷ୍ଟାଂଶ..)

ମନେ ଭାବୁଥିଲି ବାହାରେ 'ବନ୍ଧୁମିଳନ' ଲେଖାଥିଲା । ଆଜିକାଲି ବାହାଘର ପୂର୍ବରୁ ନିର୍ବନ୍ଧକୁ 'ରିଙ୍ଗ ସେରିମୋନୀ' ଆଖ୍ୟା ଦେଇ ଧୁମ୍‌ଧାମ୍‌ରେ ପାଳୁଛନ୍ତି । ଇଏ ସେମିତି ବାହାଘର ପୂର୍ବରୁ ଗୋଟାଏ ଉତ୍ସବ ହୋଇଥିବ । ଆଜିକାଲିର ଇଏ ଗୋଟାଏ ଫେସନ୍ । ବଳକା ଟଙ୍କା ଖର୍ଚ୍ଚ କରିବାର ଗୋଟାଏ ବାହାନା ।

ଆମେ ସମସ୍ତେ ଗୋଟାଏ କୋଠରୀରେ ତୁନି ଗଲାପରେ ହଠାତ୍ ଲାଇଟ୍ ଲିଭିଗଲା । ତା'ପରେ - ତା'ପରେ ତତେ କ'ଣ କହିବି ଲୋ ବୋଉ । ବାହାର କବାଟ ବନ୍ଦ କରି ଟର୍ଚ୍ଚ ଲାଇଟ୍ ପକାଇ ୫/୭ ହଟାକଟା ଭେଣ୍ଡିଆ କାଠ ଫାଳିଆରେ... "ଶଃ ଆସିଥିଲେ ଆମ ବନ୍ଧୁମିଳନରେ ନାଦି ଦେବାକୁ । ଆମର ତ ଅତି ବେଶୀରେ ଚାଳିଶ ପଚାଶ ଲୋକର କଥା । ସେତିକି ପାଇଁ ଆୟୋଜନ ୭୦/୮୦ ଲୋକ ଆସିଲେ କୁଆଡୁ ? ବୁଦ୍ଧି ପାଞ୍ଚି ମିଛରେ ବରଯାତ୍ରୀ କଥା କହିବାରୁ ଏ ପାଷାଣ୍ଡ ଗୁଡାକ ଧରା ପଡ଼ିଲେ ସିନା... । ଏ ପର୍ବ ଶେଷରେ ସେମାନେ ଖାଇବାକୁ ଗଲେ ଆଉ ଆମ୍ଭମାନଙ୍କୁ ବିଧା ଗୋଇଠା ଦେଇ ଦରମରା କରି ରାସ୍ତାରେ ଛାଡ଼ିଲେ... । ❑

# ADVANTAGES AND DISADVANTAGES OF FLY ASH BRICKS

**Er. Pravat Kumar Nayak**
**Addl. General Secretary, ODESA**

**What is Fly Ash Brick?**

Fly ash bricks are manufactured from industrial wastes such as fly ash, cement, sand/stone dust. Fly ash bricks are now a days used in worldwide with gaining its popularity over clay bricks. The various advantages and disadvantages of fly ash bricks are discussed below.

**1. Appearance:**

The appearance of fly ash bricks is very attractive due to its pleasing colour like cement, uniform size and smooth finish. Due to uniform size, mortar required for walls and plastering reduces almost by 40-50%. Plaster of paris(Gypsum plaster), putty can be applied directly without a baking coat of plaster. These bricks are free from cracks, wrap age, organic matter, pebbles and nodules of free lime.

**2. Strength:**

The compressive strength of fly ash bricks is very high (9-10 N/mm2). Due to high strength no breakages/ wastages found during transport and handling. The lower thickness of joints and plaster reduces cracking in plaster. These bricks do not cause any extra load for the design of structures and provide better earthquake resistance. It improves the strength over time and offers greater strength to the building.

**3. Thermal Properties:**

The thermal conductivity of fly ash bricks is 0.90 - 1.05 W/m2. They absorb less heat. The pozzolanic reaction between fly ash and lime produces less heat. It keeps your building cooler in summer, hence most suitable for Indian climates.

**4. Durability:**

Fly ash bricks are highly durable and less permeable. The lower permeability can efficiently reduce the effect of efflorescence on bricks. These bricks are less porous, absorb less water and reduce dampness on the walls, it is also highly resistant to attack by mild acid, water and sulphate.

**5. Sound Insulation:**

Construction with fly ash bricks provides decent sound insulation to the building.

**6. Fire Resistance:**

Fly ash bricks are highly fire-resistant.

**7. Sustainability:**

Fly ash bricks are environmentally friendly as they are made of waste materials that come from combustion of coal in thermal power plants. There is no pollution or environmental damage, considered as a white category product.

**8. Buildabilty:**

Fly ash bricks have easy workability and absorb less water. They do not require soaking in water for 24 hours. The sprinkling of water before use is enough. The construction technique is same as clay brick construction and does not require any extra training for the masons.

**9. Availability:**

These bricks are generally available closer to the thermal power plants. However, finding dealers in all major cities and towns wouldn't be a problem.

**10. Cost:**

The same number of fly ash bricks will cover more area than clay bricks. Consumption of mortar is also low. Requires less labour. The cost of fly ash bricks is approximately 30% lower than clay bricks.

**11. Applicability:**

Fly ash bricks are lightweight, so it is suitable for multi-storey structures. Less weight means less stress on the building. These bricks can be used in load-bearing external walls in low/mid structures, non-load bearing internal walls in low/mid structures and non-load bearing internal or external walls in high-rise buildings.

**Disadvantages Of Fly Ash Bricks:**

1. Not all fly ash is suitable for construction, those are produced in power plants usually compatible with concrete, while others may need beneficiation. It is very important to use only high-quality fly ash to prevent negative effects on the structure.
2 If not made properly, it has no strength and not suitable for construction. Poor quality bricks have negative impact on concrete. It can increase permeability, resulting in damages to the structure.
3. Bonding with concrete is lower due to the smooth finish.
4. Limitation in size. Only modular size bricks can be produced. The larger size will have more breakages.
5. It is only suitable for sub tropical areas or where the climate is warm because fly ash bricks do not absorb heat. But in winter season it is not helpful.

❑

# ପ୍ଲାଟିନମ୍ ଜୁବୁଲିର ବିଶେଷ ମୂହୁର୍ତ୍ତ















# ଶ୍ରୀକ୍ଷେତ୍ର ଓଡ଼ିଶା ଭବନରେ ପାଳିତ ୫୫ତମ ଇଂଜିନିୟର ଦିବସ ଓ ପୁରୀ ଶାଖାର ସାଧାରଣ ସଭା






*Please return if undelivered :*
**Odisha Diploma Engineers' Service Association
7- Kharavela Nagar, Sri Aurobindo Marga,
Bhubaneswar- 751001
Phone : 0674-3501518**

**BOOK POST**
(Postal Redg. No. BN / 61 / 21-23)

Published & Printed by : Er. Sridhar Barik on behalf of Odisha Diploma Engineers' Service Association. 7- Kharavela Nagar, Sri Aurobindo Marga, Bhubaneswar- 751001, Phone : 0674-3501518, Printed at Mohapatra Press, Plot No. B1/7, Unit-3, Kharavela Nagar, Bhubaneswar-1. Phone : 9439454543
Edited by : Er. Sridhar Barik. ସମ୍ପାଦକ : ଇଂ ଶ୍ରୀଧର ବାରିକ